
ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୯ ନଭେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 29 NOVEMBER 2023
Vol.No. 34 ■ No. 312■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଯା ଦେବୀ ସର୍ବଭୂତେଷ୍ଟୁ............


ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ପାହାଡ ପାଟିରୁ ଫେରିଲା ଜୀବନ

## ୧୭ ଦିନ ସଂଘର୍ଷ କରି ସୁଡଙ୍ଗରୁ ବାହାରିଲେ ୪୧ ଯୋଦ୍ଧା

ନୂଆଦିଲ୍ଲୀ, ୨୮/୧୧ : ଦିନେ କି ଦୁଇ ଦିନ ନୁହେଁ ପୂରା ୧୭ ଦିନ । କେମିତି ବିତିଥିଲା ସେହି ରାତି, କେମିତି କଟିଲା ସେସବୁ ଅନ୍ଧାରୀ ଦିନ । ତାହା କେବଳ ସେହି ଶ୍ରମିକ ମାନେ ହିଁ ଜାଣନ୍ତି । ଏହି ୧୭ ଦିନ ଭିତରେ ସମସ୍ତେ ଶ୍ରମିକଙ୍କୁ ଉଦ୍ଧାର ପାଇଁ ନିଜ ସାମର୍ଥ୍ୟ ଲଗାଇ ଦେଇଥିଲେ । କିଏ ଘଟଣାସ୍ଥଳରେ ରହି ଟନେଲ ଖୋଳୁଥିଲା ତ ଆଉ କିଏ ଘରେ ବସି ପ୍ରାର୍ଥନା କରୁଥିଲା । ହେ ପ୍ରଭୁ ଶ୍ରମିକଙ୍କୁ ଉଦ୍ଧାର କର... କିଏ ଶ୍ରମିକଙ୍କ ପାଇଁ ମନ୍ଦିରରେ ଦୀପ ଜାଳୁଥିଲା ତ ଆଉ କିଏ ମସଜିଦରେ ନମାଜ ପଢୁଥିଲା । କୋଟି କୋଟି ଭାରତୀୟଙ୍କ କାମନା ଥିଲା ଶ୍ରମିକଙ୍କ ସହ । ଏହାରି ଭିତରେ ବଡ ଚ୍ୟାଲେଞ୍ଜ ଥିଲା ଟନେଲ ଭିତରେ ପଶି ଶ୍ରମିକଙ୍କୁ ଉଦ୍ଧାର କରିବା । ପାହାଡର ପଥର ଚଟାଣ ଭାଙ୍ଗିନପାରି ଭାଙ୍ଗି ଯାଇଥିଲା ଅଗର ମେସିନ । ହେଲେ ଭାଙ୍ଗିପାରିନଥିଲା ଉଦ୍ଧାରକାରୀଙ୍କ ମନୋବଳ । ଶ୍ରମିକଙ୍କୁ ଉଦ୍ଧାର କରିବାକୁ ଦିନ ରାତି ଏକାକାର କରିଦେଇଥିଲେ ଉଦ୍ଧାରକାରୀ ଦଳ । ଦେଶର ବିକାଶରେ ଯେଉଁ ଶ୍ରମିକଙ୍କ ଅବଦାନ ରହିଛି ତାଙ୍କ ପାଇଁ ଏହି ୧୭ ଦିନରେ ଏକାଠି ହୋଇଥିଲା ସାରା ଦେଶ । ଆଉ ଶେଷରେ ୧୭ ଦିନ ପରେ ପଥର ଫଟାଇ ୪୧ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ଏବଂ ପାହାଡର ଗର୍ବ ଭାଙ୍ଗି ଶ୍ରମିକମାନେ ବାହାରକୁ ବାହାରିଥିଲେ ମୁହଁରେ ହସ ନେଇ ବାହାର ଦୁନିଆ ଦେଖିବା ପାଇଁ। ୧୭ ଦିନର ସଂଘର୍ଷ ପରେ ଆଜି ସମସ୍ତ ଶ୍ରମିକ ଉଦ୍ଧାର ହୋଇଛନ୍ତି । ସମସ୍ତଙ୍କୁ ସୁରକ୍ଷିତ ଉଦ୍ଧାର ପରେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସମସ୍ତ ଶ୍ରମିକ ସୁରକ୍ଷିତ ଥିବା ସୂଚନା ମିଳିଛି । ନଭେମ୍ବର ୧୨ରେ ଶ୍ରମିକମାନେ ସବୁଦିନ ଭଳି ଟନେଲ ଭିତରକୁ କାମ କରିବା ପାଇଁ ଯାଇଥିଲେ। ସକାଳ୫ଟା ୩୦ରେ ହଠାତ୍ ଭୂସ୍ଖଳନ ଆରମ୍ଭ ହେବାରୁ ଅନେକ ଶ୍ରମିକ ବାହାରକୁ ଚାଲିଆସିଥିଲେ। ହେଲେ ହଠାତ୍ ନିର୍ମାଣାଧୀନ



ଟନେଲର ୬୦ମିଟର ଅଂଶ ଧସିବାରୁ ୪୧ଜଣ ଶ୍ରମିକ ଟନେଲ ଭିତରେ ଫସି ଯାଇଥିଲେ। ଏହାପରଠାରୁ ଉତ୍ତରାଖଣ୍ଡ ସରକାର ଓ କେନ୍ଦ୍ର ସରକାର ମିଳିତ ଭାବେ ଶ୍ରମିକଙ୍କୁ ଉଦ୍ଧାର କରିବାକୁ ଲାଗିପଡିଥିଲେ । ନଭେମ୍ବର ୧୨ରେ ସୁଡ଼ଙ୍ଗ ଭୁଶୁଡ଼ିବା ପରେ ୧୩ରେ ଫସି ରହିଥିବା ଶ୍ରମିକମାନଙ୍କ ସହିତ ଯୋଗାଯୋଗ ସ୍ଥାପନ କରାଯାଇଥିଲା। ସେମାନଙ୍କୁ ଅମ୍ଳଜାନ ଯୋଗାଇବା ପାଇଁ ବ୍ୟବସ୍ଥା କରାଯିବା ସହ ସେମାନେ ନିରାପଦରେ ଥିବା ସୂଚନା ମିଳିଥିଲା। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଉକ୍ତ ସ୍ଥାନ ପରିଦର୍ଶନ କରିବା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ନଭେମ୍ବର ୧୪ରେ ୮୦୦ ଏବଂ ୯୦୦ ମିଲିମିଟର ବ୍ୟାସ ବିଶିଷ୍ଟ ଇସ୍ପାତ ପାଇପ ଅଣାଯାଇ ଏକ ଅଗର୍ ମେସିନ୍ ସାହାଯ୍ୟରେ ଭୂସମାନ୍ତର ଗର୍ତ୍ତ ଖନନ ପାଇଁ ବ୍ୟବସ୍ଥା କରାଯାଇଥିଲା।

▶▶ପୃଷ୍ଠା ୭

## ଯୁକ୍ତ୨ ପରୀକ୍ଷା ପ୍ରସ୍ତୁତି : ୧୫ ସୁଦ୍ଧା ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୮/୧୧ (ନି.ପ୍ର): ଜାନୁଆରିରୁ ଯୁକ୍ତ୨ ପ୍ରାକ୍ଟିକାଲ ପରୀକ୍ଷା। ତାରିଖ ସ୍ଥିର ହୋଇ ନ ଥିଲେ ମଧ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଯେଉଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(ଯୁକ୍ତ୨ କଲେଜ)ର ଭିତ୍ତିଭୂମି ସୁଦୃଢ଼ ନ ଥିବ ସେଠାରେ ଏଥର ପରୀକ୍ଷା କେନ୍ଦ୍ର



ହେବ ନାହିଁ। ପରୀକ୍ଷାକୁ ନଜରରେ ରଖି ଆସନ୍ତା ୧୫ ତାରିଖ ସୁଦ୍ଧା ସମସ୍ତ କଲେଜ କର୍ତ୍ତୃପକ୍ଷ ସିସିଟିଭି କ୍ୟାମେରାଗୁଡ଼ିକୁ ପ୍ରସ୍ତୁତ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବ ବର୍ଷଗୁଡ଼ିକରେ କେତେକ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଗିଥିଲେ ମଧ୍ୟ ତାହା ଅଚଳ ହୋଇଯାଇଥିବା ନଜରକୁ ଆସିଛି। ତେଣୁ ପରୀକ୍ଷା ପୂର୍ବରୁ ସିସିଟିଭି ସଜାଡ଼ିବାକୁ ପରାମର୍ଶ ଦିଆଯାଇଛି। ପରୀକ୍ଷା କେନ୍ଦ୍ର ହେଉଥିବା ଯେଉଁ କଲେଜ ଏପର୍ଯ୍ୟନ୍ତ ସିସିଟିଭି ଲଗାଇ ନାହାନ୍ତି, ସେମାନେ ଏ ଦିଗରେ ତୁରନ୍ତ ପଦକ୍ଷେପ ନିଅନ୍ତୁ। ପରୀକ୍ଷା କେନ୍ଦ୍ରର ରୁମ୍, ହଲ୍ ଓ ଲାବରୋଟାରିରେ ସିସିଟିଭି ରହିବା ବାଧ୍ୟତାମୂଳକ। ପରୀକ୍ଷାର ସୁପରିଚାଳନା ଲାଗି ରାଜ୍ୟରେ ପ୍ରତିଷ୍ଠା ହେବାକୁ ଥିବା ୨୦୦ରୁ ଅଧିକ ପରୀକ୍ଷା ପରିଚାଳନା ହବ୍(ଇଏମ୍ଏଚ୍)ରେ ସିସିଟିଭି ସଜାଡ଼ିବାକୁ ମଧ୍ୟ କୁହାଯାଇଛି। ସେଲ୍ଫ ଫାଇନାନ୍ସିଂ କଲେଜଗୁଡ଼ିକ ଯେତେଶୀଘ୍ର ସମ୍ଭବ ସିସିଟିଭି ଲଗାଇବା ନେଇ ସୁନିଶ୍ଚିତ କରିବେ ଏବଂ ସାମ୍ସ ଇ-ସ୍ପେସ୍ରେ ସିସିଟିଭି କ୍ୟାମେରା ଲିଙ୍କ୍ ରିପୋର୍ଟ ୧୫ ତାରିଖ ସୁଦ୍ଧା ଦାଖଲ କରିବାକୁ ପରିଷଦ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ପୂର୍ବପଟ ମୁଖ୍ୟ ବିମ୍‌ରେ ଫାଟ: ୩୭ଟି ସ୍ଥାନର ସ୍କାନିଂ ଶେଷ

ପୁରୀ, ୨୮/୧୧ (ନି.ପ୍ର): ନାଟମଣ୍ଡପ ବିମ୍‌ରେ ଥିବା ଫାଟର ମରାମତି କାମ ଆରମ୍ଭ ହୋଇଛି। ପ୍ଲାଷ୍ଟର ଛଡ଼ାଇବା ପରେ(ଡିପ୍ଲାଷ୍ଟରିଂ) ଯେଉଁ ଯେଉଁ ସ୍ଥାନରେ ଫାଟ ରହିଛି, ତାର ପର୍ଯ୍ୟାୟକ୍ରମେ ମରାମତି କରାଯାଉଛି। ଡିପ୍ଲାଷ୍ଟରିଂ ସମୟରେ ପୂର୍ବପାର୍ଶ୍ୱ ମୁଖ୍ୟ ବିମ୍‌ରେ ଫାଟ ରହିଥିବା ଦେଖିବାକୁ ମିଳିଛି। ଏଣୁ ଏଥିରେ ସପୋର୍ଟିଂ ବିମ୍ ଦିଆଯିବ ବୋଲି ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀକ୍ଷକ ଡ. ଡି ବି ଗଡ଼ନାୟକ କହିଛନ୍ତି। ଡ. ଗଡ଼ନାୟକ କହିଛନ୍ତି, ମରାମତି କାମ ବର୍ତ୍ତମାନ ପ୍ରାଥମିକ ପର୍ଯ୍ୟାୟରେ



ରହିଛି। ଯେଉଁ ଯେଉଁ ଜାଗାରେ ଫାଟ ରହିଛି, ତାର ଅନୁଧ୍ୟାନ କରାଯାଉଛି। ପୂର୍ବପାର୍ଶ୍ୱ ମୁଖ୍ୟ ବିମ୍ ଓ କଲମ୍‌ରେ ଯେଉଁ ସ୍ଥାନରେ ଫାଟ ରହିଛି, ସେଠାରେ ସପୋର୍ଟିଂ ଦିଆଯିବ। ଏହାର ଡିଜାଇନ୍ ବି ଅନୁମୋଦିତ ହୋଇସାରିଛି ବୋଲି ଡ. ଗଡ଼ନାୟକ

▶▶ପୃଷ୍ଠା ୭

## କୁବେର ଆଇଆଇସିଙ୍କ ଟଙ୍କା ଗଣି ଭିଜିଲାନସ୍ ହାଲିଆ

### ବିଚାରବିଭାଗୀୟ ସ୍ୱତନ୍ତ୍ର କାରାଗାରକୁ ଗଲେ ବୈପାରିଗୁଡା ଥାନା ଅଧିକାରୀ

ବୈପାରିଗୁଡା/ଜୟପୁର/କଟକ, ୨୮/୧୧ (ନି.ପ୍ର): ସୋମବାର ଭିଜିଲାନ୍ସ ଜାଲରେ ଧରାପଡ଼ିଥିବା ବୈପାରିଗୁଡ଼ା ଥାନା ଆଇଆଇସି ସୁଶାନ୍ତ ଶତପଥୀଙ୍କ ଠାରୁ ଏଯାଏ ନଗଦ ୩୭ଲକ୍ଷ ୨୭ ହଜାର ଟଙ୍କା ଜବତ ହେଲାଣି। ଗତକାଲି ରାତି ସୁଦ୍ଧା ନଗଦ ସାଢ଼େ ୭ଲକ୍ଷ ଟଙ୍କା ମିଳି ସାରିଥିଲା। ଆଜି ସକାଳେ କଟକ ବକ୍ସିବଜାର ସ୍ଥିତ ଘରୁ ପୁଣି ୨୯ଲକ୍ଷ ୭୭ହଜାର ଟଙ୍କା ଜବତ ହୋଇଛି। ତାଙ୍କର ଗୋଟିଏ କ୍ରେଟା କାର, ବୁଲେଟ୍ ଓ ସ୍କୁଟି ରହିଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଭିଜିଲାନ୍ସ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ। ଜୟପୁରରେ ଭିଜିଲାନ୍ସ ଏକ ମାମଲା ରୁଜୁ କରି ଶ୍ରୀ ଶତପଥୀଙ୍କୁ ବାନ୍ଧି କୋର୍ଟ ଚାଲାଣ କରିଛି। ଡିସେମ୍ବର ୧୧ ତାରିଖ ପର୍ଯ୍ୟନ୍ତ ସେ ବିଚାର ବିଭାଗୀୟ ହାଜତରେ ରହିବେ। ଏଥିସହିତ ସୁଶାନ୍ତଙ୍କ କଳା କାରନାମାର



ଗୋଟିଏ ପରେ ଗୋଟିଏ ଫର୍ଦ୍ଦ ଖୋଲିବାରେ ଲାଗିଛି। ବେଶି ଦିନ ନୁହେଁ, ୨୦୨୩ ସେପ୍ଟେମ୍ବର ମାସରେ ବୈପାରିଗୁଡ଼ା ଥାନା ଆଇଆଇସି ଭାବେ ଯୋଗ ଦେଇଥିଲେ ସୁଶାନ୍ତ। ଏତେ ଶୀଘ୍ର ଏତେ ଟଙ୍କା କେଉଁଠୁ ଆଣିଲେ, ତାହା ଏବେ ଭିଜିଲାନ୍ସକୁ ଚିନ୍ତାରେ ପକାଇଛି। ଗଞ୍ଜେଇ ମାଫିଆଙ୍କ ସହିତ ତାଙ୍କର ସଂପର୍କ ଥାଇପାରେ ବୋଲି ତଦନ୍ତକାରୀ ଅଧିକାରୀମାନେ ସନ୍ଦେହ କରୁଛନ୍ତି। ଏ ସଂକ୍ରାନ୍ତରେ ଠୋସ୍ ପ୍ରମାଣ ସଂଗ୍ରହ ଲାଗି ଆଜି ଭିଜିଲାନ୍ସ ଟିମ୍ ବୈପାରିଗୁଡ଼ା ଥାନାରେ ଥିବା ଜବତ ଗଞ୍ଜେଇ ଏବଂ ଗଞ୍ଜେଇ ମାମଲାର କାଗଜପତ୍ର ଯାଞ୍ଚ କରିଛି। ସେହିପରି ଥାନାରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ୍ ମଧ୍ୟ ଯାଞ୍ଚ କରାଯାଉଛି। ଅନ୍ୟପକ୍ଷରେ ପୂର୍ବରୁ ଆଇଆଇସିଙ୍କ ଚରିତ୍ର ଏବଂ ଦୁର୍ବ୍ୟବହାର ସଂପର୍କରେ ବୈପାରିଗୁଡ଼ାବାସୀ ଉପରିସ୍ଥ

▶▶ପୃଷ୍ଠା ୭

## ପୂର୍ବତନ ଯୋଗାଣ ଅଧିକାରୀଙ୍କୁ ୨ବର୍ଷ କାରାଦଣ୍ଡ

ବ୍ରହ୍ମପୁର, ୨୮/୧୧ (ନି.ପ୍ର): ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ଗଜପତି ଜିଲ୍ଲା ରା.ଉଦୟଗିରି ବ୍ଲକର ଜଣେ ପୂର୍ବତନ ଯୋଗାଣ ଅଧିକାରୀ ସିଏଚ୍. ଶ୍ୟାମ ସୁନ୍ଦର ପାତ୍ର ଦୋଷୀ ସାବ୍ୟସ୍ତ ହୋଇଥିବା ଜଣାପଡ଼ିଛି। ବ୍ରହ୍ମପୁରର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଅରୁଣ କୁମାର ସାହୁ ଉକ୍ତ ମାମଲାର ବିଚାରଣା କରି ଆଜି ଚୂଡ଼ାନ୍ତ ରାୟ ଶୁଣାଇଥିଲେ। ଏଥିରେ ଆବଶ୍ୟକ ସାକ୍ଷ୍ୟପ୍ରମାଣକୁ ଆଧାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୨ବର୍ଷ ସଶ୍ରମ କାରାଦଣ୍ଡ, ୧୦ହଜାର ଟଙ୍କା ଜରିମାନା ଏହା ଅନାଦେୟ ହେଲେ ଅଧିକ ୧ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ। ସୂଚନା ମୁତାବକ, ୨୦୦୮ମସିହାରେ ଶ୍ୟାମ ସୁନ୍ଦର ପାତ୍ର ରା.ଉଦୟଗିରି ବ୍ଲକର ଯୋଗାଣ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ବିରୋଧରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ନେଇ ଅଭିଯୋଗ ଆଧାରରେ ବ୍ରହ୍ମପୁର

▶▶ପୃଷ୍ଠା ୭

## ଆଇନ ସହାୟତା ପାଇଁ ଅଭିଯାନ ହେଉ: ରାଷ୍ଟ୍ରପତି




ନୂଆଦିଲ୍ଲୀ, ୨୮/୧୧ : ଲୋକଙ୍କୁ ସେମାନଙ୍କ ଅଧିକାର ସଂପର୍କରେ ସଚେତନ କରିବା ଲାଗି କେବଳ ସଚେତନତା ଅଭିଯାନ କଲେ ହେବ ନାହିଁ। ଏଥିସହିତ ଲୋକମାନେ କିଭଳି ଆଇନଗତ ସହାୟତା ପାଇବେ ସେ ନେଇ ଅଭିଯାନ କରିବାକୁ ହେବ। ଏପରିକି ଆଇନ କେବଳ ସମାଜର ସ୍ୱଚ୍ଛଳ ବର୍ଗର ଲୋକଙ୍କର ବୋଲି ଯେଉଁ ଧାରଣା ରହିଛି ତାହାକୁ ଦୂର କରିବା ପାଇଁ ମଧ୍ୟ ଅଭିଯାନରେ ଧ୍ୟାନ ଦେବା ଆବଶ୍ୟକ। ଗ୍ରାମାଞ୍ଚଳ ଏବଂ ସାମାଜିକ ଦୃଷ୍ଟିରୁ ଖରାପ ସ୍ଥିତିରେ ଥିବା ଲୋକଙ୍କ ''ଆଇନଗତ ସହାୟତାର ଉପଲବ୍ଧତା: ଦକ୍ଷିଣ ବିଶ୍ୱରେ ନ୍ୟାୟର ଉପଲବ୍ଧତାକୁ ମଜଭୁତ କରିବା'' ଶୀର୍ଷକରେ ଆୟୋଜିତ ପ୍ରଥମ ଆଞ୍ଚଳିକ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ନ୍ୟାୟିକ ସହାୟତାକୁ ଅପେକ୍ଷା କରିଥିବା ଲୋକଙ୍କୁ ଏହା ଉପଲବ୍ଧ କରାଇବା ହେଉଛି ଯେକୌଣସି ଆଧୁନିକ ରାଷ୍ଟ୍ରର ଆଧାରଶୀଳା। ସମ୍ମିଳନୀରେ ଗ୍ଲୋବାଲ ସାଉଥ୍‌ରୁ ୬୯ଟି ଆଫ୍ରିକୀୟ-ଏସୀୟ-ପ୍ରଶାନ୍ତ ମହାସାଗରୀୟ ଦେଶର ପ୍ରତିନିଧି ଯୋଗ ଦେଇଥିବାରୁ ରାଷ୍ଟ୍ରପତି ଖୁସି ବ୍ୟକ୍ତ କରିଥିଲେ। ତେଣୁ ଏ କ୍ଷେତ୍ରରେ ଥିବା ପ୍ରତିବନ୍ଧକକୁ ଦୂର କରିବା ଆମର ପ୍ରମୁଖ କାର୍ଯ୍ୟ ବୋଲି ରାଷ୍ଟ୍ରପତି କହିଛନ୍ତି। ଏହି ଦୁଇଦିନିଆ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡିଓ୍ୱାଇ ଚନ୍ଦ୍ରଚୂଡ଼ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଚୀନର ନୂଆ ଭାଇରସ: ଭୟଭୀତ ନହେବାକୁ ପରାମର୍ଶ ଦେଲେ ଓଡ଼ିଶା ସରକାର



ଭୁବନେଶ୍ୱର, ୨୮/୧୧ (ନି.ପ୍ର): କୋଭିଡ୍ ପରେ ଏବେ ଚୀନର ଆଉ ଏକ ଭାଇରସ୍ 'ଏଚ୍୯ଏନ୍୨'କୁ ନେଇ ଗଣମାଧ୍ୟମରେ ଆଶଙ୍କା ଲାଗି ରହିବାରୁ ମୁହଁ ଖୋଲିଛନ୍ତି ରାଜ୍ୟ ସରକାର। ଚୀନର ଏହି ଭାଇରସକୁ ନେଇ କୌଣସି ଭୟଭୀତ ହେବାର ନାହିଁ ବୋଲି ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି। ତେବେ ଯେଉଁ ଲୋକମାନେ ଥଣ୍ଡା ଓ କାଶରେ ସଂକ୍ରମିତ ଅଛନ୍ତି ସେମାନେ ଜନଗହଳିସ୍ଥାନକୁ ଯିବାବେଳେ ମାସ୍କ ପିନ୍ଧିବାକୁ ଡାକ୍ତର ମିଶ୍ର ପରାମର୍ଶ ଦେଇଛନ୍ତି । ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଡାକ୍ତର ମିଶ୍ର କହିଛନ୍ତି ଯେ, ଗଣମାଧ୍ୟମର ରିପୋର୍ଟ ଅନୁସାରେ ଚୀନରେ ବହୁଳ ଭାବେ ଲୋକେ ନିମୋନିଆରେ ସଂକ୍ରମିତ ହେଉଥିବା ନେଇ ଖବର ପ୍ରକାଶିତ ହୋଇଛି । ଅଜଣା ଭାଇରସ ଯୋଗୁ ଏହ ନିମୋନିଆ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । କୁହାଯାଉଛି ଯେ ଏହା ଏକ ନୂଆ ଭାଇରସ୍ । ମାତ୍ର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହା ନୂଆ ଭାଇରସ୍ ନୁହେଁ ବୋଲି ସ୍ପଷ୍ଟ କରିସାରିଛି । ତେରୁ ଏହାକୁ ନେଇ କେହି ଭୟଭୀତ ହେବାର ଆବଶ୍ୟକତା ନାହିଁ । ଏହି ଭାଇରସ୍ ବହୁଳ ଭାବେ ବ୍ୟାପିଥାଏ । ଏହି ଭାଇରସ୍ ଓଡ଼ିଶାରେ ଥିବା ନେଇ କୌଣସି ସୂଚନା ନାହିଁ । ଭୁବନେଶ୍ୱରସ୍ଥିତ ଆରଏମଆରସି ମଧ୍ୟ ଓଡ଼ିଶାରେ ଏଭଳି ଭାଇରସ୍ ଆସିଥିବାର ପ୍ରମାଣ ନାହିଁ ବୋଲି କହିଛି । ଏଚ୍୯ଏନ୍୨ ଭାଇରସରେ ବହୁଳ ଭାବେ ସଂକ୍ରମିତ ହେଉଛନ୍ତି ଚୀନର ପିଲାମାନେ । ସେହି ଭାଇରସରେ ସଂକ୍ରମିତ ପିଲାମାନଙ୍କ ମଧ୍ୟରେ ନିଶ୍ୱାସପ୍ରଶ୍ୱାସରେ ସମସ୍ୟା ଦେଖାଦେଇଥାଏ । ଏହି ଭାଇରସ ଚୀନରେ ବ୍ୟାପକ ଭାବେ ଅନୁଭୂତ ହୋଇଥାଏ । ଏହା କୌଣସି ନୂଆ ଭାଇରସ୍ ନୁହେଁ । ଓଡ଼ିଶାରେ ଏପର୍ଯ୍ୟନ୍ତ ଉକ୍ତ ଭାଇରସ୍ ଚିହ୍ନଟ ହୋଇନି ବୋଲି ଡାକ୍ତର ମିଶ୍ର କହିଛନ୍ତି । ପୂର୍ବରୁ ମଧ୍ୟ ଏଭଳି ଭାଇରସ ଏଠାରେ ଅଛି । ଏହା କୌଣସି ନୂଆ ଭାଇରସ ନୁହେଁ । କେନ୍ଦ୍ର ସରକାର ମଧ୍ୟ ଏହି ଭାଇରସକୁ ନେଇ କେହି ଭୟଭୀତ ନହେବାକୁ ପୂର୍ବରୁ ଆଶ୍ୱସ୍ତ କରିସାରିଛନ୍ତି ବୋଲି ଡାକ୍ତର ମିଶ୍ର କହିଛନ୍ତି । ଅବଶ୍ୟ ଯେକୌଣସି ପରିସ୍ଥିତିର ସମ୍ମୁଖୀନ ଓ ମୁକାବିଲା ପାଇଁ ରାଜ୍ୟ ସରକାର ନିଜସ୍ୱସ୍ତରରେ ଉଦ୍ୟମ କରିଛନ୍ତି । ଜିଲ୍ଲାରେ ଏଥିପାଇଁ ଅଧିକ ସଂଖ୍ୟକ ବେଡ ପ୍ରସ୍ତୁତ ରଖିବା ସହ ଟେଷ୍ଟିଂ, ପର୍ଯ୍ୟାପ୍ତ ପରିମାଣରେ ଔଷଧ, ଅକ୍ସିଜେନ୍ ଓ ମାନବସମ୍ବଳ ଆଦି ପ୍ରସ୍ତୁତ ରଖାଯାଇଛି ବୋଲି ସେ କହିଛନ୍ତି ।

# ଯୁବପିଢ଼ି ନିଜ ରୁଚି ଅନୁସାରେ ନୂଆ ନୂଆ ଶିଳ୍ପ ପ୍ରତିଷ୍ଠାରେ ମନୋନିବେଶ କରନ୍ତୁ : ରାଷ୍ଟ୍ରପତି



ପାରାଦ୍ୱୀପ, ୨୮/୧୧ (ନି.ପ୍ର): ମହାମହିମ ରାଷ୍ଟ୍ରପତି ଆଜି ପ୍ରଥମ ଥର ପାଇଁ ପାରାଦ୍ୱୀପ ଗସ୍ତରେ ଆସି ପାରାଦ୍ୱୀପ ପୋର୍ଟର ଓ୍ୱେଟ ବେସିନ ଠାରେ ପୂର୍ବରୁ ସୁସଜ୍ଜିତ ସାଧବ ସାଧବାଣୀ ମାନଙ୍କୁ ଶୁଭେଚ୍ଛା ଜଣାଇ ସାଧବ ପୁଅଙ୍କୁ ଶୁଭ କଳଷ ଦେବା ପରେ ଓଡ଼ିଶାର ଅସ୍ମିତାର ପ୍ରତୀକ ବୋଇତକୁ ପତାକା ଦେଖାଇ ବୋଇତ ବନ୍ଦାଣ ଉତ୍ସବ ଓ ବନ୍ଦର ଦିବସର ଶୁଭାରମ୍ଭ କରିଥିଲେ। ରାଷ୍ଟ୍ରପତି ପ୍ରଥମେ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ହେଲି ପ୍ୟାଡରେ ଅବତରଣ କରିବା ପରେ ପ୍ରମୁଖ ପାରମ୍ପରିକ ଲୋକନୃତ୍ୟ ସହିତ ତାଙ୍କୁ ପାଛୋଟି ଅଣାଯାଇଥିଲା । ଓ୍ୱେଟ ବେସିନକୁ ଆସିବା ରାସ୍ତାରେ ମହାମହିମ ରାଷ୍ଟ୍ରପତି ଚାଲି ଚାଲି ଲୋକଙ୍କ ଅଭିବାଦନ ଗ୍ରହଣ କରିବା ସହ ଛୋଟ ଛୋଟ ପିଲାମାନଙ୍କୁ ଚକଲେଟ ବାଣ୍ଟି ଥିଲେ । ଓ୍ୱେଟ ବେସିନ ଠାରେ ଔପଚାରିକତାର ଦୃଷ୍ଟାନ୍ତ ସ୍ୱରୂପ ତଟରକ୍ଷୀ ଜାହାଜ 'ଅମୋଘ'ରେ ବସି ସମୁଦ୍ରରେ ବୁଲିଥିଲେ ।ପରେ ଏହି ଅବସରରେ ଆୟୋଜିତ ସଭାରେ ଉପସ୍ଥିତ ଜନତାଙ୍କୁ ଅଭିବାଦନ ଜଣାଇ ଯୁବପିଢ଼ି ମାନଙ୍କୁ ଯୋଗ୍ୟତା ଅନୁସାରେ ଚାକିରି କରିବା ସହ, ବାଣିଜ୍ୟ ବ୍ୟବସାୟ କରିବା ପାଇଁ ଆଗଭର ହେବାକୁ ଉପଦେଶ ଦେଇଥିଲେ। ସେ କହିଥିଲେ,କଥାରେ ଅଛି, "ବାଣିଜ୍ୟେ ବସତେ ଲକ୍ଷ୍ମୀଃ" । ଯୁବପିଢ଼ି ନିଜ ରୁଚି ଅନୁସାରେ ନୂଆ ନୂଆ ଶିଳ୍ପ ପ୍ରତିଷ୍ଠାରେ ମଧ ମନୋନିବେଶ କରନ୍ତୁ । ଏହା ଦ୍ୱାରା ସେମାନେ ନିଜେ ଜୀବିକା ଅର୍ଜନ କରିବା ସହିତ ଅନ୍ୟମାନଙ୍କୁ ଜୀବିକା ପ୍ରଦାନ କରିପାରିବେ ।ସମୁଦ୍ର ସବୁବେଳେ ସୃଜନଶୀଳ ତେଣୁ ଭାରତୀୟ ଉପଦ୍ୱୀପ ର ବାଣିଜ୍ୟ ବ୍ୟବସାୟ ଅର୍ଥନୈତିକ ଓ ଆନ୍ତର୍ଜାତିକ ସମ୍ପର୍କର ସ୍ରଷ୍ଟା ସମୁଦ୍ର ବୋଲି ସେ ଅଭିହିତ କରିଥିଲେ। ପାରାଦ୍ୱୀପ ବନ୍ଦର ଆଜି ବିଶ୍ୱ ରେ ଶ୍ରେଷ୍ଠ ବନ୍ଦର ମାନଙ୍କ ମଧ୍ୟରେ ଅନ୍ୟତମ। ସାମଗ୍ରୀ ପରିବହନ ପାଇଁ ଭାରତ ସରକାରଙ୍କ ବନ୍ଦର,ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରାଳୟ ତରଫରୁ ପାରାଦ୍ୱୀପ ବନ୍ଦର କୁ ସାଗର ଶ୍ରେଷ୍ଠ ସମ୍ମାନ ରେ ସମ୍ମାନିତ କରାଯାଇଛି ।ଏଥିପାଇଁ ସେ ବନ୍ଦର କର୍ତ୍ତୃପକ୍ଷ ଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବନ୍ଦର ର ଭିତ୍ତିଭୂମି ଆହୁରି ସୁଦୃଢ଼ ହେବା ସଙ୍ଗେସଙ୍ଗେ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବା ଦରକାର ବୋଲି କହିଥିଲେ। ଏ ଦିଗରେ ଭାରତ ସରକାରଙ୍କ ସାଗରମାଳା କାର୍ଯ୍ୟକ୍ରମ କୁ ପ୍ରଶଂସା କରିବା ସହ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବନ୍ଦର ଉନ୍ନୟନ ତଥା ବନ୍ଦର ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ସାମଗ୍ରିକ ବିକାଶ ତ୍ୱରାନ୍ୱିତ ହେବ ।ଗ୍ଲୋବାଲ ମାରିଟାଇମ ଇଣ୍ଡିଆ ସମିଟ ୨୦୨୩ ରେ ପାରାଦ୍ୱୀପ ବନ୍ଦର କୁ ପୋର୍ଟ ଓ ଅପରେସନାଲ ଏକ୍ସଲେନ୍ସ ପୁରସ୍କାର ପ୍ରଦାନ କରାଯାଇଛି । ବନ୍ଦର କର୍ତ୍ତୃପକ୍ଷ ଦ୍ୱାରା ଆୟୋଜିତ ଏହି ଭବ୍ୟ ବୋଇତ-ବନ୍ଦାଣ ଉତ୍ସବରେ ଯୋଗ ଦେଇ ସେ ଅତ୍ୟନ୍ତ ଆନନ୍ଦିତ ବୋଲି କହିଥିଲେ। ଏହାପରେ ରାଷ୍ଟ୍ରପତି ୨୬୦ କୋଟି ବ୍ୟୟ ଅଟକଳରେ ନିର୍ମିତ ମଲ୍ଟି ମୋଡାଲ ଲଜିଷ୍ଟିକପାର୍କ ର ଶୁଭ ଉଦଘାଟନ କରିଥିଲେ ।ଏହି ପାର୍କ ପାରାଦ୍ୱୀପ ର ସ୍ୱଚ୍ଛ ପଣ୍ୟ ତଥା କଣ୍ଟେନର କାର୍ଯ୍ୟକ୍ରମ କୁ ଦ୍ୱିଗୁଣିତ କରିବା ସହ ୨୫୦ ଜଣଙ୍କୁ ପ୍ରତ୍ୟକ୍ଷ ଓ ୫୦୦ ଜଣଙ୍କୁ ପରୋକ୍ଷ ନିଯୁକ୍ତି ଯୋଗାଇସାରିଛି ।ଏଥିସହ ବନ୍ଦର ଟାଉନ ସିପ୍ ର ନିରବଚ୍ଛିନ୍ନ ଜଳ ଯୋଗାଣ ପାଇଁ ରାଷ୍ଟ୍ରପତି ଏକ ନୂତନ ଜଳାଶୟ ଓ ଜଳ ବିଶୋଧନାଗାର ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୫୦ ନିୟୁତ ଲିଟର କ୍ଷମତା ସମ୍ପନ୍ନ ଏହି ଜଳାଶୟ ଦ୍ୱାରା ଦୈନିକ ୧୬ ନିୟୁତ ଲିଟର ଜଳ ଉତ୍ପାଦିତ ହେବ ।ପରେ ରାଷ୍ଟ୍ରପତି ଏକ ଭି ଟି ଏମ୍ ଆଇ ଏସ୍ କ୍ଷମତା ସମ୍ପନ୍ନ ସିଗନାଲ୍ ଷ୍ଟେସନ ର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ ଯାହା ପଣ୍ୟ ଜାହାଜ ଗୁଡିକର ସୁରକ୍ଷିତ ଚଳାଚଳ ରେ ସହାୟକ ହେବ। ଏହି ଉତ୍ସବରେ ଯୋଗଦେଇ ଓଡିଶା ର ରାଜ୍ୟପାଳ ଶ୍ରୀ ରଘୁବର ଦାସ ଓଡ଼ିଶାର ନୌବାଣିଜ୍ୟର ପରମ୍ପରା କୁ ଶ୍ରେଷ୍ଠ ବୋଲି ଅଭିହିତ କରିଥିଲେ ।୪୮୦ କି ମି ଦୀର୍ଘ ଓଡିଶା ର ତଟରେଖା ଦେଶର ସମୃଦ୍ଧି ରେ ସହାୟକ ଏବଂ ଐତିହ୍ୟର ମୂକସାକ୍ଷୀ ପାରାଦ୍ୱୀପ ବନ୍ଦର ଏହି ପରମ୍ପରା କୁ ବଜାୟ ରଖିବ ବୋଲି କହିଥିଲେ ।ଏହି ଅବସରରେ ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରଣାଳୟ ମନ୍ତ୍ରୀ ଶ୍ରୀ ବିଶ୍ୱେଶ୍ୱର ଟୁଡୁ , କେନ୍ଦ୍ର ସରକାରଙ୍କ, ଜାହାଜ ଚଳାଚଳ ଓ ଜଳ ମାର୍ଗ ଏବଂ ପର୍ଯ୍ୟଟନ ମନ୍ତ୍ରଣାଳୟ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶ୍ରୀପଦ ଯଶୋ ନାୟକ, କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ବିକାଶ ତଥା ପର୍ଯ୍ୟଟନ ମନ୍ତ୍ରୀ, ଶ୍ରୀ ଶ୍ରୀପଦ ନାୟକ ,କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ , ଶ୍ରୀ ଶାନ୍ତନୁ ଠାକୁର, ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅତନୁ ସବ୍ୟସାଚୀ ନାୟକ, ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନୀ ସାହୁ ,ଓଡିଶା ସରକାର, ଯୋଗ ଦେଇଥିଲେ।

# ଜିଲ୍ଲା ବ୍ରାହ୍ମଣ ସମିତିର ୧୨୧ତମ ଅଧିବେଶନ ଅନୁଷ୍ଠିତ



ବାଲେଶ୍ୱର, ୨୮/୧୧ (ନି.ପ୍ର): ରବିବାରଦିନ ପୂର୍ବାହ୍ନ ୧୦ଘଟିକାରେ ଜିଲ୍ଲା ବ୍ରାହ୍ମଣ ସମିତିର ୧୨୧ତମ ଅଧିବେଶନ ସଭାପତି ଡା. ଶ୍ରୀଶ କୁମାର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମହାପ୍ରଭୁଙ୍କୁ ପୁଷ୍ପାର୍ଘ୍ୟ ପ୍ରଦାନ ପରେ ପଣ୍ଡିତ୍ ବୈଦ୍ୟନାଥ ଆଚାର୍ଯ୍ୟ ବେଦମନ୍ତ୍ର ପାଠ କରିଥିଲେ। ସାଧାରଣ ସଂପାଦକ ଗୌର ଚନ୍ଦ୍ର ଦାଶ ଉପସ୍ଥିତମାନଙ୍କୁ ସ୍ୱାଗତ ଜଣାଇ ବିବରଣୀ ପାଠ କରିଥିଲେ। ତାହା ଉପସ୍ଥିତମାନଙ୍କ ସର୍ବସମ୍ମତି ମତେ ଅନୁମୋଦିତ ହୋଇଥିଲା। ସମିତିର ବିଭିନ୍ନ ସମସ୍ୟା, ସାଙ୍ଗଠନିକ ବୈଠକ, ବୈଦିକ କାର୍ଯ୍ୟକ୍ରମ, ବିଶ୍ୱଶାନ୍ତି ମହାଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ କରାଇ ସମାଜରେ ସଂସ୍କାର ଓ ଶାନ୍ତି ପ୍ରତିଷ୍ଠା ଦିଗରେ ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ସଭାପତି ତାଙ୍କ ବକ୍ତବ୍ୟ ମାଧ୍ୟମରେ ପରାମର୍ଶ ଦେଇଥିଲେ। ସମିତି ଦ୍ୱାରା ସୀମା ପ୍ରାଚୀର ନିର୍ମାଣାଧିନ କାର୍ଯ୍ୟକ୍ରମକୁ ଆଗେଇ ନେବାପାଇଁ ଆବଶ୍ୟକ ଅର୍ଥ ସମିତି ପାଣ୍ଠିରୁ ବହନ କରିବାକୁ ସିଦ୍ଧାନ୍ତ ଗ୍ରହଣ କରାଗଲା। ସମିତିର 'ରାଣୀ ଆନନ୍ଦ କୁମାରୀ ବେଦ ବିଦ୍ୟାଳୟ'ର ନବୀକରଣ ବାବଦରେ ବାଲେଶ୍ୱର ସଦର ବିଧାୟକ ଶ୍ରୀଯୁକ୍ତ ସ୍ୱରୂପ କୁମାର ଦାସ ସରକାରୀ ଅର୍ଥ ମଂଜୁର କରିଥିବାରୁ ବୈଠକରେ ଖୁସି ବ୍ୟକ୍ତ କରାଯାଇ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଗଲା। ଜିଲ୍ଲା ବ୍ରାହ୍ମଣ ସମିତିର ପରିଚାଳନା କମିଟିର କାର୍ଯ୍ୟକାଳ ଚଳିତବର୍ଷ ଡିସେମ୍ବର ମାସରେ ଶେଷ ହେଉଥିବାରୁ ଡିସେମ୍ବର ୧୦ତାରିଖ ରବିବାର ଦିନ ସମିତି ମୁକାମରେ 'ବାର୍ଷିକ ସାଧାରଣ ସଭା' ଅନୁଷ୍ଠିତ କରିବାକୁ ସମିତି ଦ୍ୱାରା ଦିବସ ଧାର୍ଯ୍ୟ କରାଗଲା। ଉକ୍ତ ସଭାରେ ଜିଲ୍ଲାର ସମସ୍ତ ବ୍ଲକ୍ ପୌରପାଳିକାର ସଭ୍ୟମାନେ ଯୋଗଦେଇ ସଭାକାର୍ଯ୍ୟ ସାଫଲ୍ୟ କରିବାକୁ ସମିତି ଦ୍ୱାରା ଅନୁରୋଧ କରାଗଲା। ଏହି ବୈଠକରେ ସର୍ବଶ୍ରୀ ପଣ୍ଡିତ ଭୃଗୁରାମ କର, ସରୋଜ ନାରାୟଣ ଷଡ଼ଙ୍ଗୀ, ଗୌରସାଧନ ମିଶ୍ର, ଶାନ୍ତିସ୍ୱରୂପ ମିଶ୍ର, ଗୌର ଗଦାଧର ଶତପଥୀ, ନିରାକାର ଦାଶ, ନାରାୟଣ କର, ବୀରେନ୍ଦ୍ର କୁମାର କର, ରମାକାନ୍ତ ଦୀକ୍ଷିତ, ମାନସ କର, ବୈଦ୍ୟନାଥ ଆଚାର୍ଯ୍ୟ, ପୁଣ୍ୟଶ୍ଳୋକ ନନ୍ଦ ଓ ପ୍ରଦୀପ ଚକ୍ରବର୍ତ୍ତୀ ଆଦି ସଭ୍ୟଗଣ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପରିଶେଷରେ ଗୌରସାଧନ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜଗଧାତ୍ରୀ ମେଳା ଉଦ୍‌ଘାଟିତ




ବାରିପଦା , ୨୮/୧୧ (ନି.ପ୍ର): ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଭଞ୍ଜପୁର ଜଗଧାତ୍ରୀ ମେଳା ଆଜି ସନ୍ଧ୍ୟାରେ ଉଦଘାଟିତ ହୋଇ ଯାଇଛି । ଚଳିତ ବର୍ଷ ୨୯ତମ ବାର୍ଷିକ ମେଳାକୁ ମୁଖ୍ୟ ଅତିଥି ଭାବରେ ଆଇଜି ହିମାଂଶୁ ଲାଲ, ବିଶିଷ୍ଟ ଅତିଥି ଭାବରେ ମୟୁରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଏସପି ଏସ. ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିବା ସହିତ ଓଡ଼ିଆ ସଂସ୍କୃତି ସାରା ବିଶ୍ୱରେ ଏକ ନିଆରା ସଂସ୍କୃତି ଭାବରେ ନିଜର ପରିଚୟ ସୃଷ୍ଟି କରିଛି ବୋଲି କହିଥିଲେ। ମେଳା କମିଟିର ଅଧ୍ୟକ୍ଷ ରାଜ୍ୟ ରାଜସ୍ୱ ଏବଂ ଗଣ ଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, କାର୍ଯ୍ୟକାରୀ ସଭାପତି ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂଜା କମିଟିର ଅଧ୍ୟକ୍ଷ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, କମିଟିର ସମ୍ପାଦକ ଦର୍ପନାରାୟଣ ପାଲ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଡିସେମ୍ବର ୭ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବାକୁ ଥିବା ବେଳେ, ପ୍ରତି ବର୍ଷ ପରି ଏ ବର୍ଷ ମଧ ମେଳାରେ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ମୋଟ ୩୫୦ରୁ ଅଧିକ ଷ୍ଟୋଲ ପ୍ରଦର୍ଶିତ ହୋଇଥିବା ବେଳେ, ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ଏଠାକାର ତୋରଣ ପ୍ରତ୍ୟେକ ବର୍ଷ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟୁ ଥିବା ବେଳେ, ଚଳିତ ବର୍ଷ ସାଉଦୀ ଆରବ ସ୍ଥିତ ଦୁବାଇରେ ଥିବା ବୁର୍ଜ ଖଲିଫା ଆକୃତିର ତୋରଣ ବେଶ ଆକାର୍ଷଣୀୟ ହୋଇଛି । ଅତିଥିମାନେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଏବଂ ବିଚାରକ ମାନଙ୍କୁ ପୁରସ୍କୃତ କରିଥିଲେ। ମେଳାରେ ପ୍ରବଳ ଭିଡକୁ ଲକ୍ଷ୍ୟରେ ରଖି ସିସିଟିଭି କ୍ୟାମେରା, ନିଆଁଲିଭା ଯନ୍ତ୍ର, ସହିତ ଟ୍ରାଫିକ ଏବଂ ସୁରକ୍ଷା ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିବା ବେଳେ କମିଟିର କର୍ମକର୍ତ୍ତା ମାନେ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ପରେପରେ ଓଡିଶୀ, ଛଉ, ଝୁମର ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।

# ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ପକ୍ଷରୁ ପ୍ରକାଶିତ ଇଂ. ସୁରେନ୍ଦ୍ର ନାଥ ଦାସଙ୍କ ୭ଖଣ୍ଡ ପୁସ୍ତକର ଶୁଭ ଲୋକାର୍ପଣ



ବାଲେଶ୍ୱର , ୨୮/୧୧ (ନି.ପ୍ର): ରାଜ୍ୟର ଅନ୍ୟତମ ଯଶସ୍ୱୀ ପ୍ରକାଶନ ସଂସ୍ଥା ସୁବର୍ଣ୍ଣଶ୍ରୀ ପ୍ରକାଶନୀ ପକ୍ଷରୁ ସଦ୍ୟପ୍ରକାଶିତ ଅବସରପ୍ରାପ୍ତ ବିଦ୍ୟୁତ୍ ବିଭାଗର ଜେନେରାଲ ମ୍ୟାନେଜର ଇଂ. ସୁରେନ୍ଦ୍ର ନାଥ ଦାସଙ୍କ ଲିଖିତ ୭ ଖଣ୍ଡ ପୁସ୍ତକର ଏକତ୍ର ଶୁଭଉନ୍ମୋଚନ ୨୬ ତାରିଖ ପୂର୍ବାହ୍ନରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବାଲେଶ୍ୱରର ସଭାଗୃହରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଶୁଭ ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ମୁଖ୍ୟ ତତ୍ତ୍ୱାବଧାରିକା ବି.କେ. ପ୍ରମିଳାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ଉଦଘାଟନ କରିବା ସହ ପୁସ୍ତକଗୁଡ଼ିକୁ ଉନ୍ମୋଚନ କରିଥିଲେ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ। ଶ୍ରୀ ତ୍ରିପାଠୀ ନିଜର ବକ୍ତବ୍ୟରେ କହିଥିଲେ ଯେ, ମାତ୍ର ୬ମାସ ମଧ୍ୟରେ ୭ ଖଣ୍ଡ ବିବିଧ ବିଭାଗର ପୁସ୍ତକ ରଚନା କରି ତାହାକୁ ପ୍ରକାଶ କରି ପାଠକମାନଙ୍କୁ ଉପହାର ଦେବା ଏକ ବିସ୍ମୟକର ଘଟଣା। ମାତ୍ର ୨୦୧୮ ମସିହାରୁ ପରିଣତ ବୟସରେ ଲେଖନୀ ଧରି ନିରବଚ୍ଛିନ୍ନ ସାଧନାରତ ରହି ଇଂ. ଦାସ ୩୩ଖଣ୍ଡ ବହି ରଚନା କରିବା ତାଙ୍କ ସାରସ୍ୱତ ପ୍ରତିଭା ସମସ୍ତଙ୍କୁ ଚକିତ କରାଉଛି। ମୁଁ ଏହି ଲେଖକଙ୍କର ସାହିତ୍ୟ ସାଧନାକୁ ଶତନମସ୍କାର କରୁଛି। ପେଶାରେ ଜଣେ ଯନ୍ତ୍ରୀ ଥାଇ ଅବସର ପରେ ଗଳ୍ପ, ଉପନ୍ୟାସ, କବିତା, ପ୍ରବନ୍ଧ, ଆତ୍ମଜୀବନୀ ପ୍ରଭୃତି ବହୁ ବିଭାଗରେ ସେ ଯେଉଁଳି ନିଜର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ତାହା ସଭିଙ୍କୁ ଅଭିଭୂତ କରାଇଛି। ବରେଣ୍ୟ ଅତିଥି ଭାବେ ସୁଦୂର ଝାଡ଼ଖଣ୍ଡ ବିଚ୍ଛିନ୍ନାଞ୍ଚଳରେ ବସବାସ କରୁଥିବା ବିଶିଷ୍ଟ ଲେଖିକା ଡାକ୍ତର ବିନି ଷଡ଼ଙ୍ଗୀ, ବରିଷ୍ଠ ସାହିତ୍ୟିକ ଡ. ପ୍ରହ୍ଲାଦ ଚରଣ ମହାନ୍ତି, ଫକୀରମୋହନ କଲେଜର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ, ସୁଶ୍ରୀ ଅରୁଣା ରାୟ, ବି.କେ. ମିନତୀ, ବି.କେ. ଶୁଭଶ୍ରୀ ପ୍ରମୁଖ ନିଜ ନିଜର ବକ୍ତବ୍ୟରେ ଇଂ. ଦାସଙ୍କ ସାହିତ୍ୟ ସାଧନା ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରୁଛି ବୋଲି କହିଥିଲେ। ଉନ୍ମୋଚିତ ପୁସ୍ତକ ମଧ୍ୟରେ ରହିଛି ନାଟକ 'ହୀରାମୁଦୀ', 'ଏ ଯୁଗର ଦ୍ରୌପଦୀ', ଆଧ୍ୟାତ୍ମିକ ଉପନ୍ୟାସ 'ପରମାତ୍ମାଙ୍କ କୃପା', ପ୍ରବନ୍ଧ ସଂକଳନ 'କର୍ମଫଳ', ସାମାଜିକ ଉପନ୍ୟାସ 'ଭୁଲି ହୁଏନା' ଓ 'ପ୍ରତିଶୋଧ' ଏବଂ କବିତା ସଂକଳନ 'ଅନ୍ତର୍ନାଦ'। ପୁସ୍ତକଗୁଡ଼ିକର ସମୀକ୍ଷା କରିଥିଲେ ସୁବର୍ଣ୍ଣଶ୍ରୀର ପ୍ରକାଶକ କବି କାଳୀପଦ ପଣ୍ଡା। ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର ଉତ୍ସବକୁ ସଂଯୋଜନା କରିଥିବାବେଳେ ଲେଖକ ଇଂ. ସୁରେନ୍ଦ୍ର ନାଥ ଦାସ ନିଜର ଲେଖକୀୟ ଅନୁଭୂତି ସମ୍ପର୍କରେ କଥା ରଖିଥିଲେ। ଗୋପାଳ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ଦେଇଥିବାବେଳେ ଲେଖକଙ୍କ ସାନଭାଇ ଡାକ୍ତର ମହେନ୍ଦ୍ର ନାଥ ଦାସ ଧନ୍ୟବାନ ଅର୍ପଣ କରିଥିଲେ। ଲେଖକଙ୍କ ପତ୍ନୀ ସତ୍ୟଭାମା ଦାସ, ନରେନ୍ଦ୍ର ଦାସ, ସତ୍ୟେନ୍ଦ୍ର ଦାସ, ନିହାର ନଳିନୀ ଜେନା, ମୃଗୁଜା ଦାସ, ଦମୟନ୍ତୀ ଦାସ, ଶୁଭଶ୍ରୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନରେ ସହାୟତା କରିଥିଲେ। ଉତ୍ସବ ଶେଷରେ ଲେଖକ ତାଙ୍କର ଉନ୍ମୋଚିତ ପୁସ୍ତକକୁ ବିନାମୂଲ୍ୟରେ ସମବେତ ଶତାଧିକ ବିଶିଷ୍ଟ ବ୍ୟକ୍ତିଙ୍କୁ ଉପହାର ଦେଇଥିଲେ।

# ଉଦ୍ଧାର ହେଲା ଗାତରେ ପଡିଥିବା ନାବାଳିକା

ମାଲକାନଗିରି, ୨୮/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ମାଥିଲି ସଦର ବ୍ଲକ କଲୋନୀରେ ବିଦ୍ୟୁତ ଖୁଂଟ ପାଇଁ ଖୋଳା ଯାଇଥିବା ଗାତରେ ପଡି ଫସିଯାଇଥିଲା ନାବାଳିକା । ଘଂଟା ଘଂଟା ଧରି ଉଦ୍ୟମ ପରେ ନାବାଳିକାକୁ ଉଦ୍ଧାର କରିଛନ୍ତି ଦମକଳ ବାହିନୀ । ଉଦ୍ଧାର ପରେ ତୁରନ୍ତ ତାଙ୍କୁ ହସ୍ପିଟାଲରେ ଭର୍ତି କରାଯାଇ ସ୍ୱାସ୍ଥ୍ୟାବସ୍ଥା ଉପରେ ଦୃଷ୍ଟି ରଖାଯାଇଛି । ସୂଚନା ମୁତାବକ, ବିଦ୍ୟୁତ ଖୁଣ୍ଟ ପଡିବାକୁ ଗାତ ଖୋଳାଯାଇଥିଲା । ଖେଳିବା ସମୟରେ ୮ବର୍ଷର ଝିଅ ଗାତ ଭିତରେ ପଡିଯାଇଥିଲା । ହେଲେ ବାହାରିପାରିନଥିଲା । ତା''ର ପାଟିଶୁଣି ଘର ଲୋକ ଆସିଥିଲେ ବି ନାବାଳିକାର ଗୋଡ ଅସୁବିଧାରେ ରହିଥିବାରୁ ତାକୁ ଉଦ୍ଧାର କରିବା କଷ୍ଟକର ହୋଇଥିଲା । ଫଳରେ ଦମକଳବାହିନୀ କର୍ମଚାରୀ ଆସି ଉଦ୍ଧାର କରିଥିଲେ ।

# ଅସ୍ତି ପଂଚାୟତରେ ବ୍ୟାଙ୍କ ସେବାକୁ ଭରଚୁଆଲ ମୁଡ଼ରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କଲେ



ଲଙ୍ଗଳେଶ୍ୱର , ୨୮/୧୧ (ନି.ପ୍ର): ବାଲିଆପାଳ ପଞ୍ଚାୟତ ସମିତି ଅଧିନ ଅସ୍ତି ପଞ୍ଚାୟତରେ ମଙ୍ଗଳବାର ଅପରାହ୍ନରେ ବ୍ୟାଙ୍କ ସେବାକୁ ଭରଚୁଆଲ ମୁଡରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଛନ୍ତି ।ଏହି ସେବାର ଫାଇଦା ମାନସିକ ଅନଗ୍ରସର , ଭିନ୍ନକ୍ଷମ , ବରିଷ୍ଠ ନାଗରିକ , ଗର୍ଭବତୀ ମହିଳା ତଥା ଅନ୍ୟମାନେ ମଧ ନେଇ ପାରିବେ ।ବ୍ୟାଙ୍କ ଏବେ ଆପଣଙ୍କ ହାତ ପାହାନ୍ତାରେ , ବ୍ୟାଙ୍କ କର୍ମଚାରୀ ଘର କୁ ଘର ଯାଇ ନେଣ ଦେଣ କରିବେ ।ପ୍ରଥମ ପର୍ଯ୍ୟାୟରେ ଆଜି ୭୫୦ ଟି ଗ୍ରାମ ପଞ୍ଚାୟତରେ ଏହି ସେବା ଆରମ୍ଭ କରାଯାଇଛି ।ଆଗାମୀ ଦିନରେ ଅନ୍ୟ ସମସ୍ତ ପଞ୍ଚାୟତରେ ଏହି ସେବା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟ ରେ କହିଥିଲେ ।ଆଗାମୀ ୫ବର୍ଷ ପାଇଁ ବ୍ୟାଙ୍କ କାର୍ଯ୍ୟ ପାଇଁ ସରକାରଙ୍କ ତରଫରୁ ମାଗଣାରେ ଘର ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମଧ କହିଥିଲେ ।ଅସ୍ତି ପଞ୍ଚାୟତରେ ଆଜି ବାଲିଆପାଳ ୟୁକୋ ବ୍ୟାଙ୍କ ତରଫରୁ ଏହି ସେବାର ଶୁଭାରମ୍ଭ ହୋଇଛି ।ଏଥିପାଇଁ ଅନୁଷ୍ଠିତ ସଭାରେ ସରପଞ୍ଚ ତୃପ୍ତି ଲେଖା ଜେନା , ସଦସ୍ୟା ହରିପ୍ରିୟା ପାତ୍ର, ସଚେତନ ବରିଷ୍ଠ ନାଗରିକ ଶରତ ଚନ୍ଦ୍ର ପ୍ରଧାନ , କିଶୋର ପାତ୍ର , କମଳାକାନ୍ତ ପାତ୍ର ,ଦେଭୋଗ ୟୁକୋ ବ୍ୟାଙ୍କ ମେନେଜର ପ୍ରାଣ ବଶେ କର , ସରପାଞ୍ଚ ପ୍ରତିନିଧି ହରେକୃଷ୍ଣ ଜେନା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।ପଞ୍ଚାୟତ ର ଜେ ଇ ,ଜିଆରଏସ ,ମିଶନ ଶକ୍ତିର ମହିଳା ,ପଞ୍ଚାୟତ ର ୱାର୍ଡ ସଦସ୍ୟ ସଦସ୍ୟା ଓ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ ।ୱାର୍ଡ ସଦସ୍ୟ ପବିତ୍ର କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଆୟୁଷ୍ମତୀ ମୁନିମତୀ ଆତ୍ମଜ୍ଞାନୀ ସୌଦାମିନୀ ବାରିକଙ୍କ ୪୬ତମ ଶୁଭ ଜନ୍ମଦିନ ପାଳିତ



ରୂପସା , ୨୮/୧୧ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ,ଆଶ୍ରମର ବରିଷ୍ଠ ଯୋଗ ସାଧକ, ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ବାରିକ ଙ୍କ ଜେଷ୍ଠା ଦୁହିତା ଆୟୁଷ୍ମତୀ ମୁନିମତୀ ଆତ୍ମଜ୍ଞାନୀ ସ୍ୱଉଦାମିନୀ ବାରିକଙ୍କ ୪୬ ତମ ଶୁଭ ଜନ୍ମଦିନ,ଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ଙ୍କ ଅଧ୍ୟକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ ଆଶ୍ରମର ଯୋଗଶିକ୍ଷୟତ୍ରୀ ଆତ୍ମଜ୍ଞାନୀ କଳ୍ପନା ମିସ୍ତ୍ରୀ ମହୋଦୟା ।ସେ ଶିବ ବଚନାମୃତ ପାଠ କରିଥିଲେ ।ମୁନିମତୀ ଶକୁନ୍ତଳା ପରିଡ଼ା,ମୁନି ସଙ୍ଗୀତ ଗାନ କରିଥିଲେ ।ଉପାଧ୍ୟକ୍ଷା ମୁନିରାଜ୍ଞୀ କନକଲତା ମହାପାତ୍ର,ମୁନି ସମାଜର ସାଧନ କରି ଆଠଟି ସିଦ୍ଧି ଅର୍ଥାତ୍ ଆଠଟି ମନୋସ୍କାମନା ପୁରଣ କରି ପାରିଛନ୍ତି ବୋଲି ପ୍ରକାଶ କରିଥିଲେ । ମୁନିରାଜ୍ଞୀ ବିମଳା ଲେଙ୍କା,ଯୋଗ ଅଧିକା ବାସନ୍ତୀ ମହାଳିକ,ଜାହ୍ନବୀ ଗିରୀ,ଯମୁନା ପାତ୍ର,ଜୟନ୍ତୀ ଗିରି,କୁନି ମାଝୀ,ପୂର୍ଣ୍ଣିମା ବର,ରମଣୀ ପାତ୍ର,ମୁନିରାଜ ଅନାଦି ବାରିକ,ମୁନି କୁମାର ତାପସ ପ୍ରମୁଖ ବହୁ ମୁନି ମୁନିମତୀ ମାନେ ଉପସ୍ଥିତ ଥିଲେ ।ସ୍ୱଉଦାମିନୀ ଙ୍କର ନିତୀମୟ ଆଦର୍ଶ ଯୋଗମୟ ଜୀବନ,ସତ୍ୟନିଷ୍ଠ ତା,ଆଦର୍ଶ କର୍ମ ନିପୁଣତା, କର୍ତ୍ତବ୍ୟନିଷ୍ଠା, ସତ୍ୟବାଦୀ ତା,ପରୋପକାରୀ ତା,କର୍ତ୍ତବ୍ୟ ପରାୟଣତା, ଆତ୍ମଜ୍ଞାନୀ, ଧୈର୍ଯ୍ୟବାନ, ପ୍ରତିଭାଶାଳୀ ଉପରେ ଆଲୋକପାତ କରି ପିତା ବକ୍ତବ୍ୟରେ କହିଥିଲେ,ଯେ ସେ୨୦୦୬ ମସିହାରେ, ଦକ୍ଷିଣପୂର୍ବ ରେଳ ପଥରେ ସର୍ବଶ୍ରେଷ୍ଠ ଆଦର୍ଶ ସେବିକା ହିସାବରେ,ସମ୍ମାନୀତ ହୋଇଥିଲେ ।ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ, ଆୟୁଷ୍ମତୀ ମୁନିମତୀ ଆତ୍ମଜ୍ଞାନୀ ସ୍ୱଉଦାମିନୀ ବାରିକଙ୍କୁ,ତାଙ୍କର ନିରୋଗ ,ନିରାମୟ, ଆନନ୍ଦମୟ, ଯୋଗମୟ ଜୀବନର ସମୁହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା। ତାଙ୍କର ଆଧ୍ୟାତ୍ମିକ, ଆଦି ଦୈବିକ, ଆଦିଭଉତିକ, ଉନ୍ନତିର କାମନା କରିବା ସହିତ ପାରିବାରିକ ସାମାଜିକ ପ୍ରତିଷ୍ଠାର ଶୁଭ କାମନା କରାଯାଇଥିଲା ।ଶେଷରେ ପିତା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

# ରାଜ୍ୟ ସରକାରଙ୍କ ନିରାମୟ ଉପଦେଷ୍ଟାଙ୍କ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ

ଜୟପୁର, ୨୮/୧୧ (ନି.ପ୍ର): ରାଜ୍ୟ ସରକାରଙ୍କ ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜୟପୁର ପରିଦର୍ଶନ କରି ରୋଗୀ ଓ ସମ୍ପର୍କୀୟଙ୍କ ଠାରୁ ନିରାମୟ କେନ୍ଦ୍ର ସୁବିଧା ଓ ଅସୁବିଧା ସଂକ୍ରାନ୍ତରେ ପଚାରି ବୁଝିଛନ୍ତି ଏବଂ ଚିକିତ୍ସିତ ହେଉଥିବା ରୋଗୀଙ୍କ ନିକଟକୁ ଯାଇ ମାଗଣାରେ ଔଷଧ ମିଳୁଛି କି ନାହିଁ ପଚାରି ବୁଝିଛନ୍ତି, ଏହା ପରେ ଉପସ୍ଥିତ ହସ୍ପିଟାଲ ଅଧକ୍ଷଙ୍କ ସହ ସାକ୍ଷାତ କରି ଆଲୋଚନା କରିଛନ୍ତି ଏବଂ ନିରାମୟ କେନ୍ଦ୍ରକୁ ପ୍ରତିଦିନ ଆସୁଥିବା ରୋଗୀଙ୍କୁ କିପରି ଅଧିକ ସହଜ ଏବଂ ସୁବିଧା ଯୋଗାଇ ଦିଆଯିବ ଏହି ବିଷୟରେ ବରିଷ୍ଠ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିରାମୟ କେନ୍ଦ୍ରରେ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣାରେ ବହୁ ଗୁରୁତ୍ୱପୂର୍ଣ୍ଣ ଔଷଧ ମିଳୁଥିବାରୁ ଉପସ୍ଥିତ ରୋଗୀଙ୍କ ସମ୍ପର୍କୀୟ ଓଡିଶା ସରକାର ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହୃଦୟରୁ ଧନ୍ୟବାଦ ଜଣାଇଛନ୍ତି। ତାଙ୍କର ଏହି ପରିଦର୍ଶନ ଅବସରରେ ସ୍ଥାନୀୟ ଜନ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# କୃତ୍ରିମ ଅମ୍ଳଜାନ



ପ୍ରାଣୀ ଜଗତର ବଂଚିରହିବା ପାଇଁ ଅମ୍ଳଜାନ ଅତ୍ୟନ୍ତ ଆବଶ୍ୟକ। ବିଶେଷକରି ପ୍ରାଣୀ ଜଗତର ତିଷ୍ଠି ରହିବାର ଏହା ହେଉଛି ଏକ ମାଧ୍ୟମ। ଆମେ ଅନବରତ ଭାବେ ଅମ୍ଳଜାନ ନେଉଥିବାରୁ ପରିବେଶ ସନ୍ତୁଳିତ ହୋଇଥାଏ। ଏବେ ପର୍ଯ୍ୟନ୍ତ ବୈଜ୍ଞାନିକମାନେ ତିଆରି କରିଛନ୍ତି ଏକ ମାଇକ୍ରୋ ପାଟିକିଲ ଯାହାକି ଅମ୍ଳଜାନରେ ପୂର୍ଣ୍ଣ। ଆପଣଙ୍କର ଶ୍ୱାସ ରୁଦ୍ଧ ହୋଇଥିଲେ କିମ୍ବା ଶ୍ୱାସନଳୀ ବନ୍ଦ ହୋଇ ଯାଇଥିଲେ ଏହାକୁ ଧମନୀରେ ପ୍ରତିରୋପଣ କରାଯିବା ଦ୍ୱାରା ଶରୀରରେ ଅମ୍ଳଜାନର ଅଭାବ ଦେଖାଯିବ ନାହିଁ। ସତରେ ଦେଖିବାକୁ ଗଲେ ଏହି କ୍ଷୁଦ୍ର କଣିକାକୁ ଧରି ରଖିଥାଏ। ଏହି ଭାବରେ ପାଖାପାଖି ୭୦ ପ୍ରତିଶତ ଅମ୍ଳଜାନ ରକ୍ତ କଣିକା ଭଦେ କରି ଶରୀରର ବିଭିନ୍ନ ସେଲ ମଧ୍ୟକୁ ପ୍ରବେଶ କରିଥାଏ। ଏହି ଗବେଷଣା ବୈଜ୍ଞାନିକମାନେ ପ୍ରଥମେ ଗୋଟିଏ ଠେକୁଆକୁ ନେଇ କରିଥିଲେ। ଠେକୁଆର ଶ୍ୱାସନଳୀକୁ ବନ୍ଦକରି କ୍ୟାପସୁଲଟିକୁ ତାକୁ ଦେଇଥିଲେ ଯଦ୍ୱାରା ପାଖାପାଖି ଠେକୁଆଟି ପାଖାପାଖି ୧୫ ମିନିଟ ପର୍ଯ୍ୟନ୍ତ ବଂଚି ରହିଥିଲା।

# ଜର୍ମାନ୍ ପଟାଟୋ ସାଲାଡ଼୍



ବିଦେଶୀ ଖାଦ୍ୟ ଆଜିକାଲି ଅଧିକାଂଶ ଭାରତୀୟ ରେଷ୍ଟୋରାଁରେ ଉପଲବ୍ଧ ହେଉଛି। ତେବେ ଘରେ ମଧ୍ୟ ଏହି ସୁଆଦିଆ ଖାଦ୍ୟକୁ ବେଶ୍ ସହଜରେ ପ୍ରସ୍ତୁତ କରିହେବ। ପାଶ୍ଚାତ୍ୟ ରାଷ୍ଟ୍ର ଜର୍ମାନୀରେ ବର୍ଷାଦିନେ ଏକ ବିଶେଷ ବ୍ୟଞ୍ଜନ ଖୁବ୍ ଲୋକପ୍ରିୟ ହୋଇଥାଏ। ଏହି ବ୍ୟଞ୍ଜନର ନାମ ହେଉଛି 'ଜର୍ମାନ୍ ପଟାଟୋ ସାଲାଡ଼୍'। ଗୃହିଣୀମାନେ ଏହି ବିଦେଶୀ ଖାଦ୍ୟକୁ ଘରେ ଖୁବ୍ ସହଜରେ ପ୍ରସ୍ତୁତ କରିପାରିବେ। ଆବଶ୍ୟକ ସାମଗ୍ରୀ: ଛୋଟ ଆଳୁ ୯୦୦ ଗ୍ରାମ, ପିଆଜ-୪ଟି(ଚୁନାଚୁନା କଟାହୋଇଥିବା), ୨ ପାଖୁଡ଼ା ରସୁଣ କଟା, ୧ଛୋଟ ଲଙ୍କା ଗୁଣ୍ଡ ୭୫ ମିଲି ଅଲିଭ ତେଲ ୪୫ ମିଲି ୱାଇନ ଭିନେଗାର ୧ଛୋଟ ଚାମଚ ଚିନି।

ପ୍ରସ୍ତୁତି ପ୍ରଣାଳୀ: ଆଳୁର ଚୋପା ଆପଣଙ୍କ ଇଚ୍ଛାନୁସାରେ ଛଡ଼ାଇପାରନ୍ତି ଅବା ନଛଡାଇଲେ ମଧ୍ୟ କୌଣସି ଅସୁବିଧା ନାହିଁ। ଏବେ ଗ୍ୟାସଚୁଲାରେ ଏକପାତ୍ର ବସାଇ ୨ କପ୍ ପାଣି ଫୁଟାନ୍ତୁ। ସେଥିରେ ଅଧ ଚାମଚ ଲୁଣ ପକାଇବେ। ଏବେ ଆଳୁକୁ ପକାଇ ଭଲଭାବରେ ସିଝାଇ ନିଅନ୍ତୁ। ଆଳୁ ସିଝିଗଲା ପରେ ଏହାକୁ ଅନ୍ୟ ପାତ୍ରରେ ବାହାର କରି ଥଣ୍ଡା କରିନେବେ। ସରୁସରୁ ତଥା ଗୋଲଗୋଲ ଆକାରରେ ଆଳୁକୁ କାଟିବେ। ଏବେ ଆଳୁ ସହ ଅନ୍ୟ ସମସ୍ତ ସାମଗ୍ରୀକୁ ମିଶାଇ ଭଲଭାବରେ ଗୋଳାଇନେବେ। ଏହିପରି ଭାବେ ସାଧାରଣ ତାପମାତ୍ରା ଥିବା ସ୍ଥାନରେ ଏହି ସାଲାଡ଼୍ ବାଉଲକୁ ରଖିବେ। ଭୋଜନ ପୂର୍ବର ସପରିବାର ଏହି ଜର୍ମାନ ପଟୋଟୋ ସାଲାଡ଼୍କୁ ଖାଇ ମଜା ନିଅନ୍ତୁ।

# ହଳଦୀ ଚା'ର ଉପକାରିତା



ସାରା ପୃଥିବୀରେ ଏପରି ବହୁତ ଲୋକ ଅଛନ୍ତି, ଯେଉଁମାନେ ସାଧାରଣତଃ କେତୋଟି ରୋଗ ଯୋଗୁଁ ଶାରୀରିକ କଷ୍ଟ ଅନୁଭବ କରନ୍ତି। ଯଥା ଆଣ୍ଠୁ ଗଣ୍ଠି ଯନ୍ତ୍ରଣା, ଅଭ୍ୟାସଗତ ଭାବେ ନିୟମିତ ମୁଣ୍ଡବ୍ୟଥା, ମେରୁଦଣ୍ଡରେ ଯନ୍ତ୍ରଣା ଦେଖାଦେବା, ମାଂସପେଶୀ ଦରଜ ହେବପା। ଏହିସବୁ ରୋଗ ପାଲଟି ଯାଇଛି ଲୋକମାନଙ୍କ ପାଇଁ ଚିନ୍ତାର ବିଷୟ। ବୟସ ଥାଇ ମଧ୍ୟ ସେମାନେ କାମ କରିବାକୁ ଅକ୍ଷମ।

ସାଧାରଣତଃ ଆମେମାନେ କୌଣସି ଯନ୍ତ୍ରଣା ଅନୁଭବ କଲେ ସଙ୍ଗେ ସଙ୍ଗେ ଔଷଧ ଖାଇଥାଉ। ଯେଉଁମାନେ ଔଷଧ ଖାଇବାକୁ ଭଲ ପାଆନ୍ତି ନାହିଁ, ସେମାନେ ନିୟମିତ ଏକ ଅଭ୍ୟାସ କରିବା ଦ୍ୱାରା ଏହିସବୁ ସମସ୍ୟାରୁ ରକ୍ଷା ପାଇପାରିବେ। କଂଚାହଳଦୀ ଗୁଣ୍ଡ,ଆଣ୍ଠୁ ଦରଜ ପାଇଁ ବେଶ୍ ଉପଯୋଗୀ। ନିୟମିତଭାବେ ଚା' ସହ ହଳଦୀ ମିଶାଇ ପିଇବା ଦ୍ୱାରା ନିଜକୁ ସମସ୍ତ ପ୍ରକାର ରୋଗରୁ ମୁକ୍ତ କରିପାରିବେ। ଏହାସହିତ ହଳଦୀ ଚା' ଆପଣଙ୍କୁ କାମ କରିବା ପାଇଁ ଶକ୍ତି ମଧ୍ୟ ଯୋଗାଇଥାଏ। କିପରି ପ୍ରସ୍ତୁତ କରିବେ ହଳଦୀ ଚା' ଗୋଟିଏ ପାତ୍ରରେ ୪ କପ୍ ପାଣି ନେଇ ସେଥିରେ ଅଧଚାମଚ ହଳଦୀ ମିଶାଇ ଏହାକୁ ଭଲ ଭାବରେ ୭ ରରୁ ୧୦ ମିନିଟ୍ ଯାଏ ଫୁଟାନ୍ତୁ। ଏହି ଫୁଟାପାଣି ଥଣ୍ଡା ହେବାପରେ ତାକୁ ଛାଣି ସେଥିରେ ଲେମ୍ବୁ ଓ ମହୁ ମିଶାଇ ନିୟମିତ ପିଅନ୍ତୁ।

# ପିଲାଙ୍କୁ ପାରାସିଟାମଲ୍ ଦେବା ସମୟରେ



ସାଧାରଣତଃ ଜ୍ୱର ହେଲେ ପାରାସିଟାମଲ ଖାଇବାକୁ ପରାମର୍ଶ ଦିଆଯାଇଥାଏ। ଏହାକୁ ସୁରକ୍ଷିତ ଔଷଧ ଭାବେ ଗ୍ରହଣ କରାଯାଏ। ତେବେ ପିଲାଙ୍କୁ ଏହି ଔଷଧ ଦେଉଥିବା ସମୟରେ କିଛି ସାବଧାନତା ଅଲମ୍ବନ କରିବାକୁ ଆବଶ୍ୟକ।

-ପିଲାର ବୟସ ୩ ମାସରୁ କମ ହୋଇଥିଲେ ବିନା ଡାକ୍ତରଙ୍କ ପରାମର୍ଶରେ ପାରାସିଟାମଲ ଖାଇବାକୁ ଦିଅନ୍ତୁ ନାହିଁ। କାରଣ ଛୋଟ ପିଲାଙ୍କୁ ପାରାସିଟାମଲ ଯୋଗୁଁ ପାର୍ଶ୍ୱ ପ୍ରତିକ୍ରିୟା ହେବାର ଆଶଙ୍କା ଥାଏ।

- ଯଦି ପିଲାର ଶରୀରରେ ୧୦୦ଡିଗ୍ରୀ ଫାରେନହାଇଟରୁ କମ ତାପମାତ୍ରା ଥାଏ ତା'ହେଲେ ପାରାସିଟାମଲ ଦେବା ହାନିକାରକ ସାବ୍ୟସ୍ତ ହୋଇପାରେ।

- ଯଦି ପିଲା ଅନ୍ୟ କୌଣସି ଔଷଧ ଖାଉଛି, ତୁରନ୍ତ ତାକୁ ବଦଳାଇ ପାରାସିଟାମଲ ଦିଅନ୍ତୁ ନାହିଁ। ଏ ସମ୍ପର୍କରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

- ପାରାସିଟଟାମଲ ଖାଇବା ପରେ ଯଦି ପିଳାର ଶରୀରରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଏ ତାହେଲେ ଡାକ୍ତରଙ୍କ ସହ ପରାମର୍ଶ କରିବା ଆବଶ୍ୟକ।

- ପିଲାଙ୍କୁ ଯକୃତ ସମ୍ବନ୍ଧୀୟ କୌଣସି ସମସ୍ୟା ଥିଲେ ବିନା ଡାକ୍ତରୀ ପରାମର୍ଶରେ ପରାରାସିଟମଲ ଦିଅନ୍ତୁ ନାହିଁ।

- ପିଲାକୁ ଥରେ ପାରାସିଟାମଲର ଡୋଜ ଦେଇଥିଲେ ୪/୫ଘଂଟା ପୂର୍ବରୁ ଆଉଥରେ ଦିଅନ୍ତୁ ନାହିଁ।

# ମନକୁ ଆୟତ୍ତ କରେ ଗୋମୁଖାସନ



ପ୍ରଥମେ ମୋଟା କମ୍ବଳ ବିଛାଇ ଦୁଇ ଗୋଡ଼ ସାମନା ଆଡ଼କୁ ଲମ୍ବାଇ ବସନ୍ତୁ। ଡାହାଣ ଆଣ୍ଠୁକୁ ଭାଙ୍ଗି ସାମନା ଆଡ଼କୁ ନୂଆଁଇ ଆଣି ବାମ ଆଣ୍ଠୁ ଉପରେ ରଖନ୍ତୁ। ଗୋଇଠି ଉପରେ ଭରା ଦେଇ ବାମ ପାଖ ନିତମ୍ବର ସାମାନ୍ୟ ଉପରକୁ ସ୍ପର୍ଶ କରନ୍ତୁ। ପୁଣି ବାମ ଆଣ୍ଠୁକୁ ଭାଙ୍ଗି ଡାହାଣ ଆଣ୍ଠୁକୁ ତଳକୁ ଆଣି ନିତମ୍ବକୁ ଛୁଆଁଇ ରଖନ୍ତୁ। ବାମ ହାତକୁ ପଛକୁ ନେଇ ଉପରକୁ ଉଠାଇ କହୁଣୀ ଠାରୁ ମୋଡ଼ି ବାମହାତ ଆଙ୍ଗୁଳି ଦ୍ୱାରା ଖାପ କରି ଧରନ୍ତୁ। ଏଭଳି କିଛି ସମୟ ରହିବା ପରେ ବିଶ୍ରାମ ନେଇ ପୁଣି ବପିପରୀତ ପାର୍ଶ୍ୱରେ ଗୋଡ଼ ଓ ହାତ ବଦଳାଇ ଅଭ୍ୟାସ କରନ୍ତୁ। ଆସନ କରିବା ସମୟରେ ମୁଖ ପୂର୍ବ ଦିଗକୁ ରହିବ। ଏହି ଅସାନ କରିବା ଦ୍ୱାରା ସ୍ନାୟୁମଣ୍ଡଳକୁ ଶକ୍ତି ପ୍ରଦାନ କରେ। ମନକୁ ଆୟତ କରେ। କୋଷବୃଦ୍ଧି ରୋକିଥାଏ। ମାନସିକ ଏକାଗ୍ରତା ଦୃଢ଼ କରେ।

# ବୟସ ୫୦, ଉଚ୍ଚତା ୨୯ ଇଂଚ

ଫଟୋରେ ଥିବା ବ୍ୟକ୍ତି ଜଣକ ହେଉଛନ୍ତି ମଧ୍ୟପ୍ରଦେଶର ବସୋରୀ ଲାଲ। ବୟସ ୫୦ ହୋଇଥିଲେ ମଧ୍ୟ ଉଚ୍ଚତା ମାତ୍ର ୨ଇଞ୍ଚ। ପ୍ରକୃତ ପକ୍ଷରେ ତାଙ୍କୁ କେଉଁ ରୋଗ ହୋଇଛି ଯେଁଥିପାଇଁ ତାଙ୍କ ଉଚ୍ଚତା ବଢ଼ିନି ତାହା ଆଜି ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ୫ ବର୍ଷରୁ ତାଙ୍କର ଉଚ୍ଚତା ଆଉ ବଢ଼ିନି। ବସୋରୀ ଲାଲଙ୍କ ପରିାବରର କହିବାନୁସାରେ, ଟଙ୍କାର ଅଭାବ ଯୋଗୁଁ କେବେବି ତାଙ୍କର ଚିକିତ୍ସା ହୋଇପାରି ନାହିଁ। ବସୋରୀ ଲାଲଏବେ ଅନ୍ତଃରାଷ୍ଟ୍ରୀୟ ଗଣମାଧ୍ୟମରେ ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛନ୍ତି।

# ଇକୋ ହାଉସ୍- ମାତ୍ର ୪ ୟୁନିଟ୍ ବିଦ୍ୟୁତ୍ ଖର୍ଚ୍ଚ

ଏଭଳି ଏକ ଘର, ଯେଉଁଠି ନା ପଙ୍ଖାର ଆବଶ୍ୟକତା ଅଛି ନା ଏୟାରକୁଲର। କେରଳ କନ୍ନୁର ଜିଲ୍ଲାର ଏକ ଦମ୍ପତି ଏଭଳି ଏକଘର ତିଆରି କରିଛନ୍ତି, ଯେଉଁଥିରେ ୪୦ ଡିଗ୍ରୀ ତାପମାତ୍ରା ହେଲେମଧ୍ୟ ଘର ଭିତର ଥଣ୍ଡା ରହିଥାଏ। ଜନସଂସ୍ଥାନ ବିଭାଗରେ କାର୍ଯ୍ୟ କରୁଥିବା ହରି ଓ ତାଙ୍କ ପତ୍ନୀ ଏହି ଘର ନିର୍ମାଣ କରିଛନ୍ତି। ଉଭୟ ପ୍ରକୃତିପ୍ରେମୀ। ବିବାହ ପରେ ଦୁହେଁ ଏଭଳି ସ୍ଥାନରେ ରହିବାକୁ ଚାହିଁଲେ ଯେଉଁଠି ପ୍ରକୃତି ସହିତ ଯୋଡ଼ି ହୋଇ ରହିବା ସହ ପରିବେଶର ସୁରକ୍ଷାକରିହେବ। ତାଙ୍କୁ ସାହାଯ୍ୟ କରିଥିଲେ ଆର୍କିଟେକ୍ଟ ବନ୍ଧୁ ଜଣେ। ଓଦା ମାଟିରେ ଏହି ଘରର କାନ୍ଥ ତିଆରି ହୋଇଛି। ଏହା ଭିତର ଦେଇ ସୂର୍ଯ୍ୟ କିରଣ ପାସ କରିପାରେ ନାହିଁ। ଘରେ ଛାତ କଂକ୍ରିଟ ଓ ଟାଇଲରେ ହୋଇଛି। ବର୍ଷାରେ ପାଣି ନଭେଦିବା ପାଇଁ ଛାତକୁଚ କଂକ୍ରିଟରେକରିଥିବା ହରି କହିଛନ୍ତି। ଘରର ଏଭଳି ନିର୍ମାଣ ହୋଇଛି ଯେ ମାତ୍ର ଗୋଟେ ଦୁଇଟି ସ୍ଥାନରେ ଆଲୋକ ବ୍ୟବସ୍ଥା କରାଯାଇଛି, କିନ୍ତୁ ଏହା ପୂରା ଘରକୁ ଆଲୋକିତ କରୁଛି। ତେଣୁ ବିଜୁଳି ଖର୍ଚ୍ଚ ଆଦୌ ନାହିଁ। ଘରେ ଏକ ପ୍ରାକୃତିକ ଫ୍ରିଜ ରହିଛି। ଅର୍ଥାତ୍ ରୋଷେଇ ଘରେ ଏକଗାତ ଖୋଳାଯାଇଛି ଓ ଏହା ଚାରିପଟେ ଇଟା ଓ ଭିତରେ ମାଟି ଲଗାଯାଇଛି। ଏହା ଭିତରେ ଖାଦ୍ୟ ସାମଗ୍ରୀ ରଖି ବାଲିରେ ଘୋଡ଼ାଇଦେଲେ ଏକ ସପ୍ତାହରୁ ଅଧିକ କାଳ ଖାଦ୍ୟ ପଦାର୍ଥ ସତେଜ ରହିପାରିବ। ଏଥିସହିତ ଏହି ଘରେ ସୋଲାର ପ୍ୟାନେଲ ଓ ବାୟୋଗ୍ୟାସର ବ୍ୟବହାର ହେଉଥିବାରୁ ମାସକୁ ମାତ୍ର ୪ ୟୁନିଟ ବିଦ୍ୟୁତ ଖର୍ଚ୍ଚହୁଏ।

# ସବୁଠାରୁ ବଡ଼ ଦାନ

ତୃଷାର୍ତ୍ତକୁ ପାଣିଦେବା ଓ ଭୋକିଲାକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ। ଭୋଜନ ପରେ ହିଁ ସବୁ ବସ୍ତୁ ସୁନ୍ଦର ଦେଖାଯାଏ। କିନ୍ତୁ ଦୁଇ ତିନିଦିନର ଭୋକିଲା ଲୋକଙ୍କୁ ଟଙ୍କା ବିଡ଼ା ଦିଅ ଅଥବା ସନା, ରୂପା ଦେଇଦିଅ କିନ୍ତୁ ସେ ପ୍ରଥମେ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିବ। ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିବ। ଭୋକିଲା ଲୋକକୁ ଖାଦ୍ୟ ଦରକାର, ଟଙ୍କାର ବିଡ଼ା ନୁହେଁ। ପେଟରେ ଭୋକ ଶାନ୍ତ ହେବା ପରେ ଯାଇ ଟଙ୍କା, ସୁନା, ଘରଦ୍ୱାର, ସ୍ତ୍ରୀଓ ପୁତ୍ରଭୋଗ ଜାଗ୍ରତ ହୋଇଥାଏ। ଶୋଷର ଲାଗିଲେ ସାରା ଦୁନିଆ ମଧ୍ୟ ନୀରସ ଦେଖାଯାଏ। ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ, ତାହା ହେଉଛି ପାଣି।



# ପାହାଚ ଚଢ଼ିବାକୁ ଡର



ମଡେଲିଂକୁ କ୍ୟାରିୟର୍ କରୁଥିବା ଯୁବତୀମାନେ ଯେ କୌଣସି ଅସମ୍ଭବ କାର୍ଯ୍ୟକୁ କରିବାକୁ ତତ୍ପର ହୋଇଥାନ୍ତି । ବଡ଼ ବ୍ୟାନର୍ କିମ୍ବା ପ୍ରତିଷ୍ଠିତ କମ୍ପାନୀର ବିଜ୍ଞାପନ ପାଇଁ ସୁଯୋଗ ମିଳିଲେ ମଡେଲ୍‌ମାନେ ଅଭିନୟ କରିବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ । କିନ୍ତୁ ଏ କ୍ଷେତ୍ରରେ ସୁପରମଡେଲ୍ ନାଓମି କ୍ୟାମ୍ପବେଲ୍ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି । ଏକ ବିଜ୍ଞାପଦରେ ପାହାଚ ଚଢ଼ିବାକୁ ପଡ଼ିବ ବୋଲି ସେ ଅଭିନୟ କରିବାକୁନିକଟରେ ମନା କରିଦେଛନ୍ତି । ଅବଶ୍ୟ ନାଓମିଙ୍କ ନିକଟରେ ମଡେଲିଂ ସୁଯୋଗର ଅଭାବ ଦାହିଁ । ନାଓମିଙ୍କ ନାମରେ ଅଷ୍ଟ୍ରେଲିଆର ୱେଲା ନାମକ ଏକ କମ୍ପାନୀ ଏକ ଅତର ପ୍ରସ୍ତୁତ କରି ବଜାରକୁ ଛାଡିବାକୁ ଯାଉଛନ୍ତି । ଏହା ପୂର୍ବରୁ ସେହି ଅତରକୁ ନେଇ ଏକ ପ୍ରଚାରଧର୍ମୀ ଚଳଚିତ୍ରରେ ନାଓମି ଅଭିନୟ କରିବାକୁ ଚୁକ୍ତି କରିଥିଲେ । ଏହି ୪୦ ବର୍ଷୀୟା ବ୍ରିଟିଶ୍ ମଡେଲ୍ ଯେଉଁ ସ୍ଥାନକୁ ମିଜ୍ଞାପନ ଫିଲ୍ମରେ ଅଭିନୟ କରିବାକୁ ଯାଇଥିଲେ ସେହି କୋଠାର ଲିଫ୍ଟ ଭାଙ୍ଗି ଯାଇଥିଲା । ତେଣୁ ବିଜ୍ଞାପନ ନିର୍ମାଣକାରୀ ଟିମ୍ ପାହାଚରେ ସେହି ସ୍ଥାନକୁ ଯାଇଥିଲେ । କିନ୍ତୁ ନାଓମି ପାହାଚ ଚଢ଼ିବାକୁ ମନା କିତଦେଇଥିଲେ ବୋଲି ତାଙ୍କର ପୂର୍ବତନ ଏଜେଣ୍ଟ କାରୋଲ୍ ହ୍ୱାଇଟ୍ କହିଛନ୍ତି । ନାଓମି ବିଜ୍ଞାପନରେ ଅଭିନୟ କରିବାକୁ ମନା କରିଦେବା ପରେ ସମ୍ପୃକ୍ତ ଅତର ପ୍ରସ୍ତୁତକାରୀ କମ୍ପାନୀ ଖପ୍ପା ହୋଇଛି । ଚୁକ୍ତି କରି ମଡେଲିଂ ଓ ଅଭିନୟ ପାଇଁ ମନା କରିଦେବାରେ ଏହା ନାଓମିଙ୍କ ପ୍ରଥମ ଘଟଣା ନୁହେଁ । ପୂର୍ବରୁ ସେ ମୁଡ୍‌ଫର୍ମ ମିଶନର ସହ ନିର୍ଦ୍ଦେଶକ ଖ୍ରୀସ୍ ୱେନଙ୍କ ସହ ଏକ ପ୍ରଚାର ଅଭିଯାନରେ ଅଭିନୟ ପାଇଁ ଚୁକ୍ତି କରିଥିଲେ । ସେ ସର୍ବଦା ବିଳମ୍ବରେ ଟୁର୍‌କୁ ଆସୁଥିଲେ । ଥରେ ମୁଡଫର୍ମ ଏଥିପାଇଁ ନାଓମିଙ୍କୁ ତାଗିଦ୍ କରିଥିଲେ ।

# ଏକ୍ସପାଏରି ଡେଟ୍ କଣ ପାଇଁ




ସାଧାରଣତଃ ଆପଣମାନେ ଲକ୍ଷ କରିଥିବ ଯେ, ପ୍ରାୟ ସମସ୍ତ ମିନେରାଲ ୱାଟର ବୋତଲରେ ଏକ୍ସପାଏରି ଡେଟ୍ ଲେଖାଯାଇଥାଏ। ଅନେକ ଏହା ଭାବିଥାନ୍ତି ଯେ, ଏହା ପାଣି ପାଇଁ ଲେଖାଯାଇଥାଏ। ହେଲେ ପ୍ରକୃତରେ ଏହି ଏକ୍ସପାଏରି ଡେଟ୍ ବୋତଲ ପାଇଁ ଦିଆଯାଇଥାଏ। ଏହି ଡେଟ ପରେ ଜଳର ଗୁଣବତାଓା ପ୍ୟାକେଜିଙ୍ଗ ଓ ଅନ୍ୟ ପର୍ଯ୍ୟାବରଣିୟ କାରକ ଦ୍ୱାରା ପ୍ରଭାବିତ ହୋଇଥାଏ। ସେହି ସଂସ୍ପର୍ଶରେ ଆସିବାପରେ ପ୍ଲାଷ୍ଟିକ ଜଳରେ ରାସାୟନିକ ତତ୍ୱ ଛାଡ଼ିଥାଏ। ଏକ୍ସପାଏରି ଡେଟ୍ ଏହି ଦିଗ ପ୍ରତି ସତର୍କ ରହିବାକୁ ଦିଆଯାଇଥାଏ।

# ଖୁସିର ଫଳ କଦଳୀ



ଭାରତୀୟ ଜଳବାୟୁରେ କଦଳୀ ଚାଷ ପ୍ରତ୍ୟେକ ପ୍ରାନ୍ତରରେ ହୋଇଥାଏ। ଏହା ସହ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଥିବାରୁ ଗରିବ ଠାରୁ ଧନୀ ସମସ୍ତ ବର୍ଗର ଲୋକେ ଏହାକୁ ଖାଇଥାନ୍ତି। ୨୦୧୪ ଶେଷ ଭାଗରେ ଲସଭଗୋସର ଏକ ବିଶେଷଜ୍ଞ ଦଳ ଭାରତୀୟ ଲୋକଙ୍କ ଉପରେ ଗବେଷଣା କରିଥିଲେ। ଅନ୍ୟ ରାଷ୍ଟ୍ରର ବାସିନ୍ଦାଙ୍କ ତୁଳନାରେ ଭାରତୀୟମାନେ ଅଧିକ ଖୁସି ରହୁଥିବା ସୋମନେ ଜାଣିବାକୁ ପାଇଲେ। ଏଠା ଲୋକଙ୍କ ରହଣି ଶୈଳୀ, ଜୀବନଶୈଳୀ ତଥା ଖାଦ୍ୟପେୟ ସବୁ ଉପରେ ଦୃଷ୍ଟି ପକାଇବା ପରେ ଜଣାପଡ଼ିଥିଲା ଯେ ପ୍ରାୟ ୬୦%ରୁର ଅଧିକ ଭାରତୀୟ ନିୟମିତ ଭାବେ ପାଚିଲା କଦଳୀ ଓ କଞ୍ଚା କଦଳୀ ଖାଇଥାନ୍ତି। ଭିଟାମିନ ବି, ମ୍ୟାଗ୍ନେସିୟମ, ପୋଟାସିୟମ ଆଦି ତତ୍ୱ ଥିବା କଦଳୀ ମାନିକ ଚାପକୁ ନିୟନ୍ତ୍ରିତ କରେ। ନିୟମିତ ଭାବେ କଦଳୀ ଖାଇବା ଶରୀର ପାଇଁ ଖୁବ ଉପକାରୀ। ପ୍ରାରମ୍ଭିକ ପର୍ଯ୍ୟାୟରେ ଅନ୍ୟ ରାଷ୍ଟ୍ରର ଖାଦ୍ୟ ବିଶେଷଜ୍ଞମାନେ ଏହି ଗବେଷଣା ଉପରେ ଥଟ୍ଟା ପରିହାସ କରିଥଲେ। ହେଲେ ପରେ ଯେତେବେଳେ ମିରିଗାନ ବିଶ୍ୱ ବିଦ୍ୟାଳୟରେ ୨୦୦ ଲୋକଙ୍କୁ ନେଇ ପରୀକ୍ଷା କରାଗଲା, ସେତେବେଳେ ଏହି ତଥ୍ୟ ସାମ୍ନାକୁ ଆସିଥିଲା ଯେ କଦଳୀ ଖାଉଥିବା ଲୋକେ ଅଧିକ ଖୁସି ମିଜାଜର।

## ବନ୍ଧୁହେବତ ଏମିତି



କେହି ଛୋଟ ହୋଇଥାଏ। କିନ୍ତୁ ଜୀବ ଜଗତରେ ଏମିତି ଏକ ପ୍ରାଣୀ ଅଛି ଯିଏ କି ସବୁ ବର୍ଗକୁ ନିଜ ବନ୍ଧୁ ଭାବେ। ନାଁ ତାହାର କାପିବାରା, ବିଶ୍ୱର ସବୁଠାରୁ ବୃହତ ସ୍ତନ୍ୟପାୟୀ ମୂଷା ଜାତୀୟ ପ୍ରାଣୀ। ଯାହାର ଲମ୍ୱ ୪ ଫୁଟ ପର୍ଯ୍ୟନ୍ତ ବିସ୍ତାରିତ ହୋଇଥିବା ବେଳେ ଓଜନ ୧୪୫ କିଲୋ। ୧୦୦ବର୍ଷ ବୟସ ପର୍ଯ୍ୟନ୍ତ ବଂଚିପାରୁଥିବା ଏହି ପ୍ରାଣୀ ସାଉଥ୍ ଆମେରିକାର ଜଙ୍ଗଲରେ ଦେଖାଯାଏ। ଏହି ଜୀବର ସବୁଠାରୁ କୌତୂହଳପୂର୍ଣ୍ଣ କଥା ହେଲା ମୂଷାଠାରୁ ଆରମ୍ଭ କରି କୁମ୍ଭୀର, ସିଂହ ପର୍ଯ୍ୟନ୍ତ ସମସ୍ତଙ୍କ ସହ ବନ୍ଧୁତାର ସୂତ୍ରରେ ବାନ୍ଧିହୁଏ। ସମସ୍ତଙ୍କ ସହ ଖେଳେ, ଖାଏ, ମଜା କରେ। ଯେଉଁଠି ମଣିଷ ମଣିଷ ସହ ଈର୍ଷା ପରାୟଣ ହୋଇ ସଂପର୍କ କାଟିଥାଏ ସେଠାରେ ଏକ ପଶୁର ଏଭଳି ଚିନ୍ତାଧାରା ମଣିଷକୁ ଏକ ନୂତନ ମାର୍ଗଦର୍ଶନ କରାଇବ ଏଥିରେ କିଛି ସନ୍ଦେହ ନାହିଁ।

ମଣିଷ ହେଉ କିମ୍ବା ପଶୁ ସିଭିଏଁ ଚାହାନ୍ତି ସମାଜରେ ବାସ କରି ଭିନ୍ନ ଭିନ୍ନ କିସମର ପ୍ରାଣୀଙ୍କ ସଂସ୍ପର୍ଶରେ ଆସିବା ଏବଂ ବନ୍ଧୁତାର ସୂତ୍ରରେ ବାନ୍ଧିହେବା। କିନ୍ତୁ ସଭିଏଁ ସମସ୍ତଙ୍କ ସହ ମିଶି ପାରିନଥାନ୍ତି। କେହି ଖାଦକ ହେଲେ ଆଉ କେହି ଖାଦ୍ୟ ହୋଇଥାଏ, କେହି ବଡ଼ ହେଲେ ଆଉ

## ଗରିବଙ୍କୁ ପେନ୍‌ସନ୍ ଦାନ କରୁଥିବା ବ୍ୟକ୍ତି

ଜୀବନର ପ୍ରକୃତ ସତ୍ୟ କ'ଣ ତାହା ବୁଝିଥିବା ଲୋକେ ହିଁ ଅନ୍ୟକୁ ସାହାଯ୍ୟ କରିଥାନ୍ତି ଆୟରଲାଣ୍ଡନିବାସୀ ୬୩ ବର୍ଷୀୟ ବ୍ରାୟନ୍ ଅବସର ପରେ ଚମତ୍କାର ପଦକ୍ଷେପ ନେଇଛନ୍ତି। ତାଙ୍କ କହିବାନୁସାରେ ପ୍ରତ୍ୟେକ ବ୍ୟକ୍ତି ଜନ୍ମବେଳେ କିଛି ନେଇ ଆସିନଥାଏ, କିମ୍ବା ମୃତ୍ୟୁ ପରେ କିଛି ନେଇ ଯାଏନାହିଁ। ଏହା ସତ୍ତ୍ୱେ ଆମେ ଘରବାଡ଼ି, କାର୍, ପୋଷାକପତ୍ର ପ୍ରତି ଲୋଭ ତ୍ୟାଗ କରୁନାହୁଁ। ନିଜ ପେନସନ ଅର୍ଥରେ ବ୍ରାୟନ୍ ପ୍ରତି ସୋମବାର ଘରେ ୨ ପ୍ରକାର ତରକାରି ଓ ନୁଡଲ୍ସ ପ୍ରସ୍ତୁତ କରି ପାଖଆଖରେ ଥିବା ୨୦୦ ଗରିବ ଲୋକଙ୍କୁ ଦେଇଥାନ୍ତି। ଯେଉଁମାନଙ୍କର ଘର ନାହିଁ ଓ ଖାଇବାକୁ ପାଇ ନଥାନ୍ତି, ବ୍ରାୟନ୍ ସେମାନଙ୍କୁ ଏହି ସହାୟତା କରୁଛନ୍ତି। ବ୍ରାୟନଙ୍କ ଏଭଳି କାମରେ ତାଙ୍କ ସହଧର୍ମିଣୀ ଆଦୌ ଖୁସି ନଥିବା ବେଳେ ପୁଅ ବୋହୂ ପୂର୍ଣ୍ଣ ସହଯୋଗ କରୁଛନ୍ତି। ଏ ଖବର ପ୍ରକାଶିତ ହେବା ପରେ ତାଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟୁଛି।

## ସାତବର୍ଷ ପିଲାର ୮ ପ୍ୟାକ ବଡ଼ି



ଆଜିକାଲି ନିଜକୁ ଫିଟ୍ ରଖିବାକୁ ସମସ୍ତେ ଚାହୁଁଛନ୍ତି। ସେଥିପାଇଁ ସନ୍ତୁଳିତ ଖାଦ୍ୟପେୟ ସହିତ ପ୍ରତିଦିନ ବ୍ୟାୟାମ କରିବା ଉପରେ ଖାସ୍ ଧ୍ୟାନ ଦେଉଛନ୍ତି ଲୋକମାନେ। ଏଭଳି ସ୍ଥିତିରେ ୬ ପ୍ୟାକ ଆବ୍ସ ଓ ୮ ପ୍ୟାକ ଆବ୍ସ ପାଇଁ ଏବେ ଯୁବକଙ୍କ ଭିତରେ ନିଶା ବଢ଼ିବାରେ ଲାଗିଛି। କିନ୍ତୁ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଚୀନରେ ମାତ୍ର ସାଢ଼େ ୭ ବର୍ଷର ପିଲା ୮ ପ୍ୟାକ ବଡ଼ିର ଅଧିକାରୀ।


ଚୀନର ଏହି ପିଲା ଜଣକ ଏବେ ସୋସିଆଲ ମିଡ଼ିଆରେ ହଇଚଇ ସୃଷ୍ଟି କରିଛନ୍ତି। ସେ ହେଉଛନ୍ତି ଜିମ୍ନାଷ୍ଟ ଚେନୟି। ଏତେ ଛୋଟ ବୟସରୁ ବି ତାଙ୍କ ନାମରେ ଅନେକ କୀର୍ତିମାନ ରହିଛି। ନିକଟରେ ହାଙ୍ଗଜୋରେ ଅନୁଷ୍ଠିତ ଏକ ଜିମ୍ନାଷ୍ଟିକ ପ୍ରତିଯୋଗିତାରେ ଚେନ ୬ଟି ସ୍ୱର୍ଣ୍ଣ ଓ ଗୋଟିଏ ସିଲଭରମେଡ଼ାଲ ଜିତିଥିଲେ।। ତା'ପରେ ପିପୁଲ୍ସ ଡେଲି ଚାଇନା ସୋସିଆଲ ନେଟୱର୍କିଂ ସାଇଟ୍ ଫେସବୁକରେ ତାଙ୍କର ଫଟୋକୁ ପୋଷ୍ଟ କରିଥିଲା। ଦୁଇଦିନ ଭିତରେ ଏହାକୁ ୩୩ ହଜାର ଲାଇକ ମିଳିଥିଲା। ପାଖାପାଖି ୭୦୦ ଲୋକ ଏହାକୁ ସେୟାର କରିଥିଲେ। ଚେନ ମାତ୍ର ୫ ବର୍ଷ ବୟସର ହୋଇଥିବା ବେଳେ ତାଙ୍କୁ ଜଣେ ପେଶାଦାର ଜିମ୍ନାଷ୍ଟ ପ୍ରଶିକ୍ଷଣ ଦେଇଥିଲେ ବୋଲି ଜଣାପଡ଼ିଛି।

## ସବୁଠୁ ମହଙ୍ଗା ସୁନା ପାଉଁରୁଟି



ସୁନାର ମୂଲ୍ୟ ଆଜିର ସମୟରେ ବହୁ ଅଧିକ। ଆଗାମୀ କିଛି ବର୍ଷ ମଧ୍ୟରେ ସୁନା ଦର ଆହୁରି ବଢ଼ିବ ବୋଲି ଏବେଠାରୁ ପୂର୍ବାନୁମାନ କରାଯାଉଛି। ସାଧାରଣ ବବର୍ଗର ଲୋକଟିଏ ପାଇଁ ସୁନା ଏକ ଦାମୀ ଧାତୁ ହୋଇଥିବା ବେଳେ କେବଳ ଧନିକ ଶ୍ରେଣୀର ଲୋକମାନେ ନିଜ ମନ ମୁତାବକ ସୁନା ଗହଣାମାନ କିଣିପାରୁଛନ୍ତି। ଏପରିସ୍ଥଳେ ସ୍ପେନର ଏକ ବ୍ୟାକେରୀ ଦୋକାନ ପ୍ରସ୍ତୁତ କରୁଛି ବିଶ୍ୱର ସବୁଠୁ ମହଙ୍ଗା ସୁନା ପାଉଁରୁଟି। ୨୦୧୪ ରେ ଆରମ୍ଭ ହୋଇଥିବା ଏହି ସୁନା ପାଉଁରୁଟି ବ୍ୟବସାୟ ଉତ୍ତମ ଭାବରେ ଚାଲୁଛି ବୋଲି କହିଛନ୍ତି ବ୍ୟାକେରୀ ମାଲିକ ମାନୁଏଲ ମୋରେନୋ। ୪୧ବର୍ଷୀୟ ମୋରେନୋଙ୍କ ଯୁବପିଢ଼ି ୭୦ବର୍ଷ ହେଲାଣି ପାଉଁରୁଟି ତଥା ବିଭିନ୍ନ ଡିଜାଇନରେ କେକ ପ୍ରସ୍ତୁତ କରିବାରେ ସିଦ୍ଧହସ୍ତ। ମୋରେନୋ ଉଚ୍ଚଶିକ୍ଷା ଗ୍ରହଣ କରିବା ପରେ ପାରିବାରିକ ବ୍ୟବସାୟରେ ମନୋନିବେଶ କରିଥିଲେ। କିଛିବର୍ଷ ପରେ ସେ ସୁନା ପାଉଁରୁଟି ପ୍ରସ୍ତୁତ କରିବାକୁ ସ୍ଥିର କଲେ। ତେବେ ଏହାର ବିକ୍ରି ଉଚିତ୍ ପରିମାଣରେ ହେବ କିମ୍ବା ନାହିଁ ସେ ବାବଦରେ ମୋରନୋଙ୍କ ପିତା ଚିନ୍ତିତ ଥିଲେ। ପରିଶ୍ରମୀ ତଥା ଉଚ୍ଚାଭିଳାଷୀ ମୋରେନୋ କିନ୍ତୁ ନିଜ ଲକ୍ଷ୍ୟରେ ଆଗକୁ ବଢ଼ିଲେ। ପ୍ରତ୍ୟେକ ପାଉଁରୁଟି ଖଣ୍ଡରେ ୬ହଜାର ଟଙ୍କାର ସୁନା ଗୁଣ୍ଡ ଓ ଅନ୍ୟାନ୍ୟ ସାମଗ୍ରୀ ମିଶାଇ ପ୍ରସ୍ତୁତ କଲେ। ମୋରେନୋଙ୍କ କହିବାନୁସାରେ ଏହି ସୁନା ପାଉଁରୁଟିର ସେଭଳି ବିଶେଷ ସ୍ୱାଦ ନାହିଁ, କିନ୍ତୁ ଗ୍ରାହକ ଏହି ପାଉଁରୁଟି କିଣିବାରେ ବିଶେଷ ରୁଚି ରଖିଛନ୍ତି। ଚୀନ, ରୁଷିଆ, କାନାଡ଼ା, ନ୍ୟୁୟର୍କରେ ଧନିକ ଗୋଷ୍ଠୀ ଲୋକେ ପ୍ରତି ମାସରେ ୨ରୁ ୩ଥର ତାଙ୍କ ବ୍ୟାକେରୀରୁ ଏହି ସୁନା ପାଉଁରୁଟି ଅନ୍ ଲାଇନ ସାହାଯ୍ୟରେ କିଣୁଛନ୍ତି। ଗିନିଜ ବୁକ ଅଫ ୱାର୍ଲ୍ଡର ରେକର୍ଡ଼ସରେ ମଧ୍ୟ ଏହି ପାଉଁରୁଟି ବିଶ୍ୱର ସବୁଠୁ ମହଙ୍ଗା ପାଉଁରୁଟି ଭାବେ ସ୍ଥାନିତ ହୋଇଛି।

## ସୁସ୍ଥ ହୃଦୟ ପାଇଁ ଅର୍ଦ୍ଧ ମତ୍ସ୍ୟେନ୍ଦ୍ରାସନ



ପ୍ରଥମେ ଦୁଇ ପାଦକୁ ଲମ୍ବାଇ ବସନ୍ତୁ। ବାମ ପାଦ ମୋଡ଼ି ତା'ର ଗୋଇଠିକୁ ଜନେନ୍ଦ୍ରିୟ ମଧ୍ୟଭାଗରେ ରଖନ୍ତୁ। ଡାହାଣ ପାଦ ବାମ ପାଦର ଜଙ୍ଘ ପାଖରେ ଭୂମି ଉପରେ ସିଧା ଭାବେ ରଖନ୍ତୁ। ଡାହାଣ ଆଣ୍ଠୁ ପଛକୁ ମୋଡ଼ନ୍ତୁ ଯେପରି ଆଣ୍ଠୁ ବାମ ହାତ କାଖ ତଳେ ରହିବ। ବାମ ହାତରେ ବାମ ଗୋଡ଼ର ଆଣ୍ଠୁକୁ ଧରନ୍ତୁ। ଶରୀରକୁ ଯେତେ ସମ୍ଭବ ଡାହାଣକୁ ମୋଡ଼ି ରଖନ୍ତୁ। ଡାହା ହାତ ପଛଆଡ଼କୁ ଧୀରେ ଧୀରେ ବୁଲାଇ ଡାହାଣ ଗୋଡ଼ର ଗୋଇଠିକୁ ଧରନ୍ତୁ। ମୁହଁ ଡାହାଣକୁ ରଖନ୍ତୁ। ସିଧା ହୋଇ ବସନ୍ତୁ। ଏହି ଅବସ୍ଥାରେ ୫/୧୦ ସେକେଣ୍ଡ ବସିବା ପରେ ବିଶ୍ରାମ କରି ପୁଣି ବିପରୀତ ଦିଗରେ ଏହି ଆସନଟିକୁ କରନ୍ତୁ। ମେରୁଦଣ୍ଡ ସିଧାରଖି ଓ ଶ୍ୱାସକ୍ରିୟା ସ୍ୱାଭାବିକ କରନ୍ତୁ। ମୁଖମଣ୍ଡଳ ପୂର୍ବ ଦିଗକୁ ରହିବ। ନିୟମିତ ଆସନ କରିବା ଦ୍ୱାରା ମେରୁଦଣ୍ଡ ସିଧା ଓ ମଜବୁତ ରହିବ। କୁଣ୍ଡଳିନୀକୁ ଶକ୍ତି ଜାଗ୍ରତ ହୁଏ। ଫୁସ୍‌ଫୁସ୍ ଓ ହୃଦୟ ସବଳ ହୁଏ। ଯକୃତ ଦୋଷ ଦୂରହୁଏ। ରକ୍ତ ସଂଚାଳନ ଠିକ୍ ହୁଏ।

## ମାଛ ଖାଅ, ହୃଦଘାତ ଦୂରକର




ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଅଧିକାଂଶ ବୟସ୍କ ଲୋକେ ଆଜିକାଲି ହୃଦଘାତ ରୋଗ ପାଇଁ ଆଶଙ୍କାରେ ରହୁଛନ୍ତି। ସୁସ୍ଥ ଜୀବନଯାପନ ନିମନ୍ତେ ଖାଦ୍ୟପେୟ ବାବଦରେ ସଚେତନ ମଧ୍ୟ ରହୁଥିବାର ଜଣାପଡ଼ିଛି। ହେଲେ ଖାଦ୍ୟ ବିଶେଷଜ୍ଞଙ୍କ କହିବାନୁସାରେ ସପ୍ତାହକୁ ଅନ୍ତତଃ ଥରୁଟିଏ ମାଛ ଖାଇଲେ ହୃଦଘାତ ଆଶଙ୍କାକୁ ଦୂରେଇ ହେବ। ଜାପାନର ୭୦ରୁ ୮୦ ପ୍ରତିଶତ ଲୋକେ ନିୟମିତ ଭାବେ ମାଛ ଖାଇଥାନ୍ତି। ସେଥିପାଇଁ ସେଠାରେ ଖୁବ କମ୍ ଲୋକେ ହୃଦଘାତରେ ପ୍ରାଣ ହରାଉଥିବାର ବିଶେଷଜ୍ଞଙ୍କ ମତ। ଓମେଗା ଥ୍ରୀ ଫ୍ୟାଟି ଏସିଡ୍ ପ୍ରଚୁର ପରିମାଣରେ ଥିବାମାଛ ବାମ୍ଫ ଦେଇ ନଚେତ ଭାଜି ଖାଇବା ଭଲ। ମାଛ ଖାଉଥିବା ଲୋକ ସହଜରେ ଅବସାଦଗ୍ରସ୍ତ ହୋଇ ନଥାନ୍ତି ବୋଲି ମଧ୍ୟ ପରୀକ୍ଷାରୁ ପ୍ରକାଶିତ। ମାଛରେ ଅଧିକ ପୋଷକତତ୍ତ୍ୱ ଥିବା କାରଣରୁ ଏହା ଶରୀରକୁ ଶକ୍ତି ମଧ୍ୟ ଯୋଗାଇଥାଏ। ଏହା ତ୍ୱଚା ଓ କେଶକୁ ପୋଷଣ ଯୋଗାଇବା ସହ ଅନିଦ୍ରା ସମସ୍ୟା ଦୂରକରେ। ନିୟମିତ ଭାବରେ ସପ୍ତାହକ ଥରୁଟିଏ ଅନ୍ତତଃ ମାଛ ଖାଇବା ସବୁ ବର୍ଗର ଲୋକଙ୍କ ପାଇଁ ଭଲ ବୋଲି ବିଶେଷଜ୍ଞ ପ୍ରକଶ କରିଛନ୍ତି।

## ମୋବାଇଲକୁ କରାନ୍ତୁ ଜୀବାଣୁମୁକ୍ତ

ଆଜିର ଦୁନିଆରେ ସମସ୍ତେ ମୋବାଇଲ୍ ଫୋନ୍‌ର ବ୍ୟବହାର କରୁଛନ୍ତି। ହେଲେ ତାହାର କିପରି ଉଚିତ୍ ଯତ୍ନ ନିଆଯିବ ତାହା ପ୍ରତି କେହି ଗୁରୁତ୍ୱ ଦେଉନାହାନ୍ତି। ଯାହା ଫଳରେ ଫୋନଟି କିଛି ଦିନମଧ୍ୟରେ ଖରାପ ହୋଇଯାଇଥାଏ। ଏକ ରିସର୍ଚ୍ଚରୁ ଜଣାପଡ଼ିଛି ଯେ, ଏକ ଶୌଚାଳୟର ସିଟ୍‌ରେ ଯେତେ ପରିମାଣର ଜୀବାଣୁ ଥାଏ। ସେହିପରି ଗୋଟେ ମୋବାଇଲରେ ମଧ୍ୟ ତାଠୁ ଅଧିକ ଜୀବାଣୁ ଭରି ରହିଥାଏ। ତେବେ ଆସନ୍ତୁ ଜାଣିବା କିପରି ରୂପେ ଆମେ ଆମ ମୋବାଇଲକୁ ଜୀବାଣୁ ମୁକ୍ତ କରାଇବା।

- ଯଦି ଆପଣଙ୍କ ଫୋନଟିର ପଛପଟେ କଭର ଅଛି, ତେବେ ସଫା କରିବା ପୂର୍ବରୁ କଭରଟିକୁ କାଢ଼ନ୍ତୁ।
- ଏହାକୁ ସଫା କରିବା ପାଇଁ ତୁଳା କିମ୍ବା ପୋଛିବା ପାଇଁ ଏକ ସଫା କପଡ଼ା ବ୍ୟବହାର କରନ୍ତୁ। ଏବଂ ସଫା କଲାବେଳେ ଆପଣ ରବିଙ୍ଗ ଆଲକୋହଲର ମଧ୍ୟ ବ୍ୟବହାର କରିପାରିବେ।
- ତୁଳା ଖଣ୍ଡଟିକୁ ରବିଙ୍ଗ ଆଲକୋହଲରେ ବୁଡ଼େଇ ସ୍କ୍ରିନଟିକୁ ସଫା କରନ୍ତୁ। କିନ୍ତୁ ଧ୍ୟାନରେ ରଖନ୍ତୁ ରବିଙ୍ଗ ଆଲକୋହଲ ଯେପରି ଫୋନର ଅନ୍ୟ କୌଣସିସ୍ଥାନରେ ନଲାଗେ।
- ଯଦି ଆପଣଙ୍କ ଫୋନଟି କିପାଡ୍ ବାଲା ଆପଣ କ୍ୟୁ ପରି ଏକ ରବିଙ୍ଗ ବ୍ୟବହାର କରିପାରିବେ।
- ଯଦି ଆପଣ ଫୋନ ଭିତରଟିକୁ ସଫା କରିବାକୁ ଚାହୁଛନ୍ତି ତେବେ ଏକ ଶୁଖିଲା କିୟୁ ଟିପ ବ୍ୟବହାର କରନ୍ତୁ। ହେଲେ ମନେ ରଖନ୍ତୁ କୌଣସି ପ୍ରକାରର ମିଶ୍ରଣ ଯେପରି ଭିତରକୁ ନଯାଏ।
- ଫୋନ୍‌ର ୟୁଏସ୍‌ବି ଏବଂ ଇଅରଫୋନ ଛିଦ୍ରକୁ ସଫା କରିବା ସମୟରେ ଧ୍ୟାନ ରଖନ୍ତୁ। ହାଲୁକା ଭାବେ ଏପରି ଫୁଙ୍କନ୍ତୁ ଯେପରି ଛିଦ୍ର ଗୁଡ଼ିକ ସଫା ହୋଇଯିବ।




- ଫୋନଟିର କୋଣମାନଙ୍କରୀ ବେଶୀ ପରିମାଣରେ ଧୂଳି ଜମିଥାଏ, ତେଣୁ ବ୍ୟବହାର କରନ୍ତୁ। ଧ୍ୟାନରେ ରଖନ୍ତୁ ଯେପରି ଫୋନରେ ବେଶୀ ଧୂଳି ନରହେ।
- ଫୋନଟିକୁ ସଫା କରି ସାରିବା ପରେ ଏହାକୁ ପୁନଃ ଅବସ୍ଥାକୁ ଆଣିବାକୁ ହେଲେ ଏହାକୁ ଭଲଭାବେରେ ଶୁଖାଇବାକୁ ହେବ।
- ନିତିଦିନ ସଫା କରିବା ପାଇଁ ଏକ ସୂକ୍ଷ୍ମ ତନ୍ତୁଜନିତ କପଡ଼ାରେ

## ଏବେ ମାତ୍ର କିଛି ସେକେଣ୍ଡରେ ଶୁଖିବ ଓଦାଲୁଗା



ସାଧାରଣତଃ ଗୃହିଣୀମାନଙ୍କ ପାଇଁ ବଡ଼ ସମସ୍ୟା ହେଉଛି ବର୍ଷାଦିନେ ଲୁଗା ସଫା କରିବା ଏବଂ ଏହାକୁ ଶୁଖାଇବା। ଏବେ ଖୁବଶୀଘ୍ର ଏହି ସମସ୍ୟା ଦୂର ହେବାକୁ ଯାଉଛି। ଭାରତରେ ଜନ୍ମିତ ଜଣେ ବୈଜ୍ଞାନିକ ଲୁଗା ଶୁଖାଇବା ପାଇଁ ଏକ ନୂଆଯନ୍ତ୍ରର ଉଦ୍ଭାବନ କରିଛନ୍ତି।

ଟେନେସିସ୍ଥିତ ଓକ୍ ରିଜ୍ ନ୍ୟାସନାଲ ଲାବୋଟୋରିରେ ବିରାଲ ପଟେଲ ଓ ତାଙ୍କ ଟିମ ଏପରି ଏକ ନୂଆ ଡ୍ରାୟରର ଉଦ୍ଭାବନ କରିଛନ୍ତି ଯାହା ଲଣ୍ଡ୍ରି ବ୍ୟବସାୟକୁ ବେଶ ସହଯୋଗ କରିବ। ଏହାକୁ ଅଲଟ୍ରାସୋନିକ୍ ଡ୍ରାୟର କୁହାଯାଉଛି। ଏହାର ବିଜୁଳି ଖର୍ଚ୍ଚ ମଧ୍ୟ ଅନ୍ୟ ଡ୍ରାୟର ତୁଳନାରେ ଅଧା ଅଟେ। ଅଧିକ ମାତ୍ରାରେ କପଡ଼ା ଶୁଖାଇବା ପାଇଁ ଏହି ଡ୍ରାୟରକୁ ବ୍ୟବହାର କରାଯାଇପାରିବ। ମାତ୍ର କିଛି ସେକେଣ୍ଡରେ ସମ୍ପୂର୍ଣ୍ଣ ଓଦା ଥିବା ଲୁଗା ଶୁଖିପାରିବ। ଏ ସମ୍ପର୍କରେ ପଟେଲ କୁହନ୍ତି ଯେ ବାଷ୍ପିକରଣ ପଦ୍ଧତି ନୁହେଁ ବରଂ ଅନ୍ୟ ପଦ୍ଧତିରେ ଆମେ କପଡ଼ାର ତନ୍ତୁରେ ଥିବା ଓଦା ଅଂଶକୁ ବାହାର କରିବା ପାଇଁ ଏହି ମେସିନ୍ ତିଆରି କରିଛୁ।

# ରେମୁଣା ବ୍ଲକ୍ କଲ୍ୟାଣପୁର ପଞ୍ଚାୟତର ଚଢ଼େଇପୁରଠାରେ କାର୍ତ୍ତିକ ପୂର୍ଣ୍ଣିମା ଓ ମହୋତ୍ସବ ଅନୁଷ୍ଠିତ



ବାଲେଶ୍ୱର, ୨୮/୧୧ (ନି.ପ୍ର): ରେମୁଣା ବ୍ଲକ୍ ଅଧିନରୁ କଲ୍ୟାଣପୁର ଗ୍ରା:ପ: ରେ ଥିବା ମାକଳାର ଚଢ଼େଇପୁରଠାରେ ଗତ ୨୭.୧୧.୨୦୨୩ତାରିଖରେ ଦିବସ ବ୍ୟାପୀ ନାମ ସଂକୀର୍ତ୍ତନ କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟରେ ତଥା ମହୋତ୍ସବ ଓ ପ୍ରସାଦସେବନରେ ଅତିଥି ଭାବେ ଜିଲ୍ଲା ବିଜେଡି ଏସ୍‌ସିସେଲ ସଭାପତି ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଯୋଗଦେଇ ଏହି ଆଧ୍ୟାତ୍ମିକ କାର୍ଯ୍ୟରେ ଉପସ୍ଥିତ ରହି ଆୟୋଜକ ମାନଙ୍କୁ ପ୍ରଶଂସିତ କରି ଅନୁଷ୍ଠାନ ମାଧ୍ୟମରେ ଭାଇଚାରା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ଏହି ଅନୁଷ୍ଠାନକୁ ସମାଜସେବୀ ସୃଷ୍ଟିଧର ପଡ଼ିଆରୀ, ଜଗନ୍ନାଥ ଖଟୁଆ ତ୍ରିଲୋଚନ ବେହେରା, ସନାତନ ମହାଲିକ, ଲୀଯାରାଣି ଖଟୁଆ, ମନୋରଂଜନ ତରେଇ, ବେଣୁଧର ଖଟୁଆ ପ୍ରମୁଖ ସହଯୋଗ କରିଥିଲେ । ପଞ୍ଚାୟତର ମାଳିକା, ଆଳଦା ଓ ହଳଦିଆ ଆଦି ଗ୍ରାମର ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ ।

# ବ୍ୟାସକବି ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଓ ଶିଶୁ ମହୋତ୍ସବ ଅନୁଷ୍ଠିତ

ମାଲକାନାଗିରି, ୨୮/୧୧ (ନି.ପ୍ର): ବ୍ୟାସକବି ସାହିତ୍ୟ ସଂସଦ, ଗୋଡିଶୂଳ, ନୀଳଗିରି, ବାଲେଶ୍ୱର ଆନୁକୂଲ୍ୟରେ ଉପାନ୍ତ ମାଲକାନଗିରି ଜିଲ୍ଲା ଏମ୍. ପି. ଭି. ୮୨ ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ଭବନ ପରିସରରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ୨୦୨୨, ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ୨୦୨୩, ବାର୍ଷିକ ମୁଖପତ୍ର ୨୦୨୨ ବ୍ୟାସଜ୍ୟୋତି, ଶିଶୁ ପତ୍ରିକା ୨୦୨୩ ବ୍ୟାସକଳିକାଓ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦକ ପ୍ରକୃତିବନ୍ଧୁ, କବି ଯତିନ୍ଦ୍ର ସ୍ୱାଇଁଙ୍କ ଚତୁର୍ଥ କବିତା ସଙ୍କଳନ କ୍ଷତାକ୍ତ ଇନ୍ଦ୍ରଧନୁର ଶୁଭ ଉନ୍ମୋଚନ ସହ କବିତା ଆସର, ସମ୍ବର୍ଦ୍ଧନା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଗତକାଲି ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦକ କବି ଯତିନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀଯୁକ୍ତ ମାନସ କୁମାର ଜେନା ମଂଚ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଡଃ ସୁରେଶ ଚନ୍ଦ୍ର ଘଡାଇ ଏମ୍. ଡି. ଘଡାଇ ଆବାସିକ ମହାବିଦ୍ୟାଳୟ ଓ ଶ୍ରୀମତୀ ଅନିତା ମେହେର ରାଜ୍ୟ ସଭାନେତ୍ରୀ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେସନ ଭୁବନେଶ୍ୱର ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବରେ ମାଲକାନଗିରି ରେଞ୍ଜର ଜଗନ୍ନାଥ ପ୍ରସାଦ ବିଶୋଇ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ କାଳିମେଳା ବ୍ଲକ୍ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ବାରୋଇ,ମୋଟୁ ରେଞ୍ଜର ରଶ୍ମି ରଞ୍ଜନ ସ୍ୱାଇଁ, ମାଲକାନଗିରି ଜିଲ୍ଲା ପ୍ରାଥମିକ ଶିକ୍ଷକ ସଭାପତି ନୀଳକଣ୍ଠ ବେହେରା, ସମ୍ପାଦକ ଲୋକନାଥ ସାହୁ, ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ମାଲକାନଗିରି , ସୋନପୁର ଜିଲ୍ଲା ସଭାପତି ଉମାକାନ୍ତ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା କାଳିମେଳା ଅପର୍ଣ୍ଣା ମଣ୍ଡଳ, ଜଗଦୀଶ ଚନ୍ଦ୍ର ଡାଲି, ସ୍ୱାମୀ ବିବେକାନନ୍ଦ ବିଦ୍ୟା ଭବନର ସଭାପତି ପରିମଳ ମଣ୍ଡଳ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ବ୍ୟାସ କବି ସାହିତ୍ୟ ସଂସଦର ଉପ ସଭାପତି କବି ଗୋଦାବରୀଶ ଦାସ, ସଂଗଠନ ସମ୍ପାଦକ କବି ପ୍ରଶାନ୍ତ କୁମାର ସର୍ଦାର ଓ ରୋଜାଲିନ ମହାପାତ୍ର। ଅନୁଷ୍ଠାନ ତରଫରୁ ବିଭିନ୍ନ ଜିଲ୍ଲାରୁ ଆସିଥିବା କବି ମାନଙ୍କୁ ଓଡ଼ିଆ ସାହିତ୍ୟ ସାରଥି ସମ୍ମାନ ୨୦୨୨ ଓ ଶିକ୍ଷକ ମାନଙ୍କୁ ଶିକ୍ଷା ସାରଥି ସମ୍ମାନ ୨୦୨୨ ପ୍ରଦାନ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ନୃତ୍ୟ, ସଙ୍ଗୀତ, ସୃଜନ ଲିଖନ, ଅଭିନୟ, ଚିତ୍ରକଳା ଆଦିରେ ପ୍ରତିଯୋଗିତା କରି ଶ୍ରେଷ୍ଠତ୍ୱ ଅର୍ଜନ କରିଥିବା ଶିଶୁଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା। ବାଲେଶ୍ୱର ଜିଲ୍ଲାରୁ କବି ଯତିନ୍ଦ୍ର ସ୍ୱାଇଁ, ଅଶୋକ କୁମାର ନାୟକ କେନ୍ଦ୍ରାପଡାରୁ ଅଶୋକ ପରିଡା, ଅଶୋକ କୁମାର ରାଉତ, ଢେଙ୍କାନାଳରୁ ବିଭୂତି ସେଠୀ, ମାଲକାନଗିରି ଜିଲ୍ଲାରୁ ପ୍ରଶାନ୍ତ କୁମାର ନାୟକ, ଉମାଚରଣ ପଟ୍ଟନାୟକ, କବିତା ରାଣୀ ପ୍ରଧାନ, ଚିତ୍ତରଞ୍ଜନ ସିକଦାର, ମନିନ୍ଦ୍ର ନାଥ ଗୋଲଦାର, ରବିନ୍ଦ୍ର ମଣ୍ଡଳ ରବିନ୍ଦ୍ରନାଥ ହାଓଲାଦାର, ଧନୁର୍ଜୟ ହନ୍ତାଳ, ଦୀପକ କୁମାର ବଳ, ମହାଦେବ ମାଡକାମି, ପର୍ଶୁରାମ ଖିଲ, ଭଦ୍ରକରୁ ଗୀତାଞ୍ଜଳି ସ୍ୱାଇଁ ରାୟଗଡାରୁ ବିଶ୍ୱନାଥ ଶବର, ବୌଦ୍ଧରୁ ଅନିତା ମେହେର, କଟକରୁ ବଳଭଦ୍ର ବିଶ୍ୱାଳ, କଳାହାଣ୍ଡିରୁ ଜ୍ଞାନେନ୍ଦ୍ର ଭୋଇ, ତପନ କୁମାର ଦାଶ, ଭାଗୀରଥି ସିଂହ, ବରଗଡ଼ରୁ ଡଃ ନରେନ୍ଦ୍ର କୁମାର ମେହେର, ବଲାଙ୍ଗୀରରୁ ପ୍ରଦୀପ କୁମାର ଦାଶ, କୋରାପୁଟରୁ ବଂଶୀଧର ମହାରଣା, ବାବାଜୀ ଚରଣ ରାଉତ, ଗଞ୍ଜାମରୁ ଅଜିତ କୁମାର ତ୍ରିପାଠୀ, ବଙ୍ଗଳାଦେଶରୁ ପ୍ରଶାନ୍ତ କୁମାର ସର୍ଦାର, ନୟାଗଡ଼ରୁ ଗୋଦାବରୀଶ ଦାସ, ଜଗତସିଂହପୁରରୁ ସାରଦା ପ୍ରସାଦ ସିଂହ, ଗଞ୍ଜାମରୁ କୃଷ୍ଣଚନ୍ଦ୍ର ପଣ୍ଡା ଓ ବସନ୍ତ ଡାକୁଆ ରାଜ୍ୟସ୍ତରୀୟ କବିତା ଆସର ରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ରସାଣିତ କରିଥିଲେ। ଶିଶୁ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ, ନୃତ୍ୟ, ଓଡ଼ଶୀ ପ୍ରଦର୍ଶନ କରାଯାଇଥିଲା। ଶେଷରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

# ବାଇକରୁ ଖସି ଚାଳକ ଗୁରୁତର ଆହତ

ବସ୍ତା,୨୭।୧୧(ନିପ୍ର) : ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ବସ୍ତା ମୁଖ୍ୟ ରାସ୍ତା ରେ ବାଇକ ରୁ ଖସି ବାଇକ ଚଳାକ ଗୁରୁତର ଆହାତ ହୋଇଛନ୍ତି । ସୂଚନା ରୁ ପ୍ରକାଶ ସୋମବାର ସନ୍ଧ୍ୟାରେ ସିଂଲା ଥାନା ପଣସା ଗ୍ରାମର ଖଗେନ୍ଦ୍ର ବାରିକ(୪୦) ଅତ୍ୟାଧିକ ମଦ୍ୟା ପାନ କରି ନିଜ ବାଇକ୍ ରେ ବସ୍ତା ବଜାର ରୁ ଦୃତଗତିରେ ଘରକୁ ଫେରିଥିବା ବେଳେ ଦୁଇ/ ତିନୋଟି ବାଇକ କୁ ଧକ୍କା ଦେଇ ଯାଉଥିବା ବେଳେ ରାସ୍ତା ପାର୍ଶ୍ୱରେ ଗଛିତ ଥିବା ଚିପ୍ସ ଉପରକୁ ବାଇକ ଟି ଚଢି ଯାଇଥିଲା । ଫଳରେ ଚାଳକ ଜଣକ ବାଇକ ରୁ ଖସି ଛିଟିକି ପଡିଯାଇଥିଲେ ଦୁର୍ଘଟଣା ଗୋଟିଏ ଗୋଡ଼ ଟି ଭାଙ୍ଗି ଗୁରୁତର ଆହାତ ହୋଇଥିଲେ । ଯୁବ ସାମ୍ବାଦିକ ସେଖ ଜଗିରୁଦ୍ଦିନ ଓ ସେଖ ସାବିର ହୁସେନ ଉପସ୍ଥିତ ଲୋକଙ୍କ ସହାୟତାରେ ଗୁରୁତର ଆହାତ କୁ ବାଇକ ରେ ଚିକିତ୍ସା ପାଇଁ ବସ୍ତା ହସ୍ପିଟାଲ ନେଇଥିଲେ ବେଳେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଖବର ପାଇ ବସ୍ତା ପୁଲିସ ପହଞ୍ଚି ଗାଡ଼ି ଜବତ କରି ତଦନ୍ତ ଜାରୀ ରଖିଛି ।

# ସାପ କାମୁଡ଼ାରେ ଯୁବକ ମୃତ

ବସ୍ତା,୨୭।୧୧(ନିପ୍ର): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ପୁଟୁରା ପଞ୍ଚାୟତ ଅନ୍ତର୍ଗତ ଗୁହାଳିପଦା ଗ୍ରାମର ଗୌତମ ବାରିକ ବୟସ(୪୭) ବର୍ଷ ।ଗତ ୧୯ ତାରିଖ ଦିନ ବିଲରେ କାର୍ଯ୍ୟ କରୁଥିବା ସମୟ ରେ ଏକ ବିଷଧର ସାପ କାମୁଡ଼ି ଥିଲା ।ପରିବାର ଲୋକେ ସଙ୍ଗେ ସଙ୍ଗେ ବସ୍ତା ଓ ବାଲେଶ୍ୱର ହସ୍ପିଟାଲ କୁ ନେଇଥିଲେ ସେଠାରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ମେଡିକାଲ ରେ ଭର୍ତ୍ତି କରିଥିଲେ ।ସେଠାରେ ଚିକିତ୍ସାଧିନ ଅବସ୍ଥା ରେ ଆଜି ତାଙ୍କର ମୃତ୍ୟୁବରଣ ହୋଇଛି ।ତାଙ୍କ ମୃତ୍ୟୁରେ ପରିବାର ର ଦୁଃଖ କହିଲେ ନ ସରେ ।ପରିବାରର ଏକମାତ୍ର ରୋଜଗାରିଆ ସ୍ୱାମି କୁ ହରାଇ ସ୍ତ୍ରୀ ଛବିରାଣୀ ଦୁଇ କୁନି ପୁଅ ଝିଅ ଙ୍କ ମୁହଁରେ ଦୁଇ ଓଳି କଣ ଖାଇବାକୁ ଦେବ ସେହି କଥା ଚିନ୍ତା କରି ମୃତ ସ୍ୱାମୀ ଙ୍କ ପାଦ ତଳେ ମୁଣ୍ଡ ପିଟି ଆଖିରୁ ଲୁହ ଗଡ଼ାଇ କାନ୍ଦୁଥିବାର ଦୃଶ୍ୟ ଉପସ୍ଥିତ ସାଧାରଣ ଲୋକଙ୍କ ହୃଦୟରେ ଆଲୋଡ଼ନ ସୃଷ୍ଟି କରିଛି ।

# ଅତିତର ନୌବାଣିଜ୍ୟ ପାଇଁ ଓଡ଼ିଶାର ରହିଛି ଏକ ସ୍ୱତନ୍ତ୍ର ପରିଚୟ : ଭାରତି ସିଂ

ଉଦଳା , ୨୮/୧୧ (ନି.ପ୍ର): ଅତ୍ୟାଧୁନିକ ଯନ୍ତ୍ରପାତି ଓ ଯାହାଜ ନିର୍ମାଣ ହେବା ପୁର୍ବରୁ ବୋଇତ ନେଇ ସମୁଦ୍ର ପାରି ହୋଇ ଓଡ଼ିଶାର ସାଧବ ପୁଅ ମାନେ ବାଣିଜ୍ୟ ବେପାର କରିବାକୁ ବିଦେଶ ଯାଉଥିଲେ । ଏଥିପାଇଁ ଓଡ଼ିଆଙ୍କର ସାହସ ଓ ବୁଦ୍ଧିକୁ ସମଗ୍ର ଭାରତବର୍ଷର ସବୁ ଅଂଚଳର ଲୋକେ ପ୍ରଶଂସା କରନ୍ତି ବୋଲି ଭୁବନେଶ୍ୱରର ପୁର୍ବତନ ଡ଼େପୁଟି ମେୟର ତଥା ଉଦଳା ନିର୍ବାଚନ ମଣ୍ଡଳିର ବାସିନ୍ଦା ଭାରତି ସିଂ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ସେଥିପାଇଁ ଓଡ଼ିଶାର ରହିଛି ଏକ ସ୍ୱତନ୍ତ୍ର ପରିଚୟ । ଏପରିକି ଇଂରେଜ ମାନେ ଆମ ଦେଶକୁ ଆସିବା ପୁର୍ବରୁ ଓଡ଼ିଶାକୁ ଲାଗି କରିଥିବା ସମୁଦ୍ର ଯାହାକୁ ଆଜି 'ବଙ୍ଗୋପସାଗର' କୁହାଯାଉଛି ତାର ନାମ ଥିଲା 'କଳିଙ୍ଗ ସାଗର' । ଇଂରେଜ ମାନେ 'କଳିଙ୍ଗ ସାଗର' ନାମଟିକୁ ବଦଳାଇ 'ବଙ୍ଗୋପସାଗର' ରଖିଥିବାର କଥା ଭାରତି ସିଂ ଜଣାଇଛନ୍ତି । ଆଜି କାର୍ତିକ ପୂର୍ଣ୍ଣିମା ଅବସରରେ ସେ ଉଦଳାସ୍ଥିତ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିରକୁ ପୂଜାର୍ଚ୍ଚନା କରିବାକୁ ଆସିଥିବା ସମୟରେ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ଏହା କହିଛନ୍ତି ।

# କାର୍ତ୍ତିକ ପୂର୍ଣ୍ଣିମାରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିର ଚଳଚଞ୍ଚଳ

ନୀଳଗିରି, ୨୮/୧୧ (ନି.ପ୍ର): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ନୀଳଗିରି ଜଗନ୍ନାଥ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ନାହିଁ ନଥିବା ଭିଡ ଦେଖିବାକୁ ମିଳିଛି। ଏହି ମାସ ହବିଷ୍ୟାଳି ମାନେ ଦୀର୍ଘ ଏକ ମାସ ଧରି ହବିଷ ଭକ୍ଷଣ ପୂର୍ବକ ସ୍ୱାତ୍ତ୍ୱିକ ଭୋଜନ କରି ଆମିଷ ଖାଇବା ବନ୍ଦ କରିଥିବା ବେଳେ ଦୈନନ୍ଦିନ ପ୍ରଭୁଙ୍କ ସେବାରେ ନିୟୋଜିତ କରୁଥିଲେ। ପୂର୍ଣ୍ଣିମା ଅବସରରେ ପ୍ରତ୍ୟୁଷରୁ ମହିଳା ମାନେ ବିଭିନ୍ନ ନଦୀ ଗାଡିଆ ପୋଖରୀ ରେ ସ୍ନାନ କରି ଅ. କା. ମା.ବୈ, ପାନ ଗୁଆ ଥୋଇ ଗୀତରେ ଓଡ଼ିଶାର ନୌ ବାଣିଜ୍ୟ ପରମ୍ପରାକୁ ସ୍ମୃତିଚାରଣ ପୂର୍ବକ ଡଙ୍ଗା ଭସାଇଥିଲେ। ପରେ ଶ୍ରଦ୍ଧାଳୁ ମାନେ ଜଗନ୍ନାଥ ମନ୍ଦିରରେ ଧାଡ଼ିବାନ୍ଧି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପଦାନ କରି ପରିବାରର ମଙ୍ଗଳ କାମନା କରିଥିଲେ। ସେହିପରି ନୀଳଗିରି ଶଙ୍କରାଖୁଣ୍ଟା ପୋଖରୀ, ତଳସଡ଼କ ବଡ଼ପୋଖରୀ, ରାଣୀ ପୋଖରୀ, ଲକ୍ଷ୍ମୀସାଗର ପୋଖରୀରେ ଶ୍ରଦ୍ଧାଳୁ ମାନେ ପ୍ରଭାତରୁ ଡଙ୍ଗା ଭସାଇଥିବା ଦେଖିବାକୁ ମିଳିଥିଲା। ଏହିପରି ନୀଳଗିରି ଉପଖଣ୍ଡର ବିଭିନ୍ନ ସ୍ଥାନରେ ଡ଼ଙ୍ଗା ଭସାଣି ହୋଇଥିବା ସୂଚନା ମିଳିଥିବା ବେଳେ ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ପାଳନ ହେବ ବୋଲି ସୂଚନା ମିଳିଛି।



# ଶିଶୁ ଭାରତୀ ଛାତ୍ରପ୍ରତିନିଧି କର୍ମଶାଳା

ଖଇରା, ୨୮/୧୧ (ନି.ପ୍ର): ଶିକ୍ଷା ବିକାଶ ସମିତି ଯୋଜନା ଅନୁଯାୟୀ ବାଲେଶ୍ୱର ଜିଲା ସୋର ସଙ୍କୁଳସ୍ତରୀୟ ଶିଶୁଭାରତୀ ଛାତ୍ରପ୍ରତିନିଧି କର୍ମଶାଳା ଖଇରା ନଟାପଡା ଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠିତ ହୋଇ ଯାଇଛି । ଉଦ୍‌ଘାଟନୀ ସଭାରେ ଅଧ୍ୟାପକ ବନମାଳୀ ବାରିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସଭାପତି ରାଧାକାନ୍ତ ପାତ୍ର,ସମ୍ପାଦକ ଚନ୍ଦ୍ର ଶେଖର ବାରିକ,ସଙ୍କୁଳ ସଂଯୋଜକ ଅଶୋକ ରଞ୍ଜନ ପଲାଇ,ସହ ସଂଯୋଜକ ପ୍ରଦୀପ୍ତ କୁମାର ବେହେରା,ପ୍ରଧାନାଚାର୍ଯ୍ୟ ଶଶିକାନ୍ତ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ । ସରସ୍ୱତୀ ଶିଶୁ ମନ୍ଦିର ଯୋଜନାରେ ଶିଶୁ ଭାରତୀର ଦାୟିତ୍ୱ,କର୍ତ୍ତବ୍ୟ ଓ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯିବା ସହିତ ପ୍ରତିଭା ପ୍ରଦର୍ଶନ କରାଯାଇଥିଲା । ଉଦଯାପନୀ ସଭାରେ ଅକ୍ଷୟ କୁମାର ବାରିକ ଯୋଗ ଦେଇ ପ୍ରତିଭା ପ୍ରଦର୍ଶନ କାର୍ଯ୍ୟକ୍ରମକୁ ନିରିକ୍ଷଣ କରିଥିଲେ । ପ୍ରଧାନାଚାର୍ଯ୍ୟ ଶଶିକାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ସୋର ସଙ୍କୁଳ ଅଧୀନରେ ଥିବା ୧୩ ବିଦ୍ୟାଳୟରୁ ୭୭ଜଣ ଛାତ୍ରୀଛାତ୍ର,୯ଜଣ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ଅଂଶ ଗ୍ରହଣ କରିଥିଲେ । ସ୍ଥାନୀୟ ଶିଶୁ ମନ୍ଦିରର ସମସ୍ତ ଆଚାର୍ଯ୍ୟା,ଆଚାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ଶୂନ୍ୟମଣ୍ଡପ ପୀଠରେ ରାହାସ ପୂର୍ଣ୍ଣମୀ: ୫୦ହଜାର ଭକ୍ତଙ୍କ ସମାଗମ



ଖଇରା, ୨୮/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର କୁପାରୀସ୍ଥିତ ଐତିହାସିକ ଶୁନ୍ୟମଣ୍ଡପ ରେ ରାହାସ ପୁର୍ଣ୍ଣମୀ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଗହଣରେ ଅନୁଷ୍ଠିତ ହୋଇ ଯାଇଛି । ଚଳିତ ବର୍ଷ ବାଲେଶ୍ୱର ସମେତ ଆଖପାଖ ଜିଲାରୁ ୫୦ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁ ଶୁନ୍ୟମଣ୍ଡପରେ ପଦାର୍ପଣ କରି ଶୁନ୍ୟମନ୍ଦିର ଦର୍ଶନ କରିବା ସହ ଶୁନ୍ୟବ୍ରହ୍ମଙ୍କୁ ଆରାଧନା କରିଛନ୍ତି । ପ୍ରତ୍ୟୁଷରେ ଭକ୍ତମାନେ ମଧୁସାଗରରେ ସ୍ନାନ କରିବା ସହ ରାଜାବାବାଙ୍କ ନିକଟରୁ ପାଦୁକା ଗ୍ରହଣ କରିଥିଲେ । ଏହି ଅବସରରେ ୫ଲକ୍ଷ ଟଙ୍କା ବ୍ୟୟରେ ପୁନନିର୍ମିତ ରୋଷେଇଶାଳକୁ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ । ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଗୁପ୍ତା,ସମ୍ପାଦକ କ୍ଷିରୋଦ କୁମାର ମହାରଣା, ସଭ୍ୟ ସଞ୍ଜିବ କୁମାର ଜେନା,ସମିତି ସଭ୍ୟ ଅକ୍ଷୟ କୁମାର ଜେନା,କଳିଙ୍ଗ ସ୍ୱାଇଁ,ସ୍ୱରୂପ କୁମାର ବେହେରା,ବିଭୁତି ଭୁଷଣ ରାଉତ ପ୍ରମୁଖ ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ । କୁପାରୀ ହାଇସ୍କୁଲ ଜୁନିୟର ରେଡକ୍ରସ, ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥାର ସ୍ୱେଚ୍ଛାସେବୀ,ଜନହିତ ଯୁବକ ସଂଘ,ଶୁନ୍ୟବ୍ରହ୍ମ ଡ୍ରାଇଭର ସଂଘ,କୁପାରୀ ଦେବାଳୟ ସଂଘ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ । ସିମୁଳିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ସାଥୀ ମାନଙ୍କ ସହ ପ୍ରସାଦ ବଣ୍ଟନ କରିଥିଲେ । ଭାଜପା ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ ଦାସ ଏବଂ ରାଜ୍ୟ ମାନବ ସମ୍ବଳ,ସଂସ୍କୃତି ବିଭାଗ ସମ୍ପାଦକ ଶଶିକୁମାର ସାହୁ ଶୁନ୍ୟବ୍ରହ୍ମଙ୍କୁ ଭକ୍ତିପୂତ ପ୍ରଣାମ ଜଣାଇଥିଲେ ।

# କୋଟସ ଇଗ୍ନୁ ପାଠ୍ୟକେନ୍ଦ୍ରରେ ନୂତନ ଛାତ୍ରଛାତ୍ରୀଙ୍କ ଅଧିଗ୍ରହଣ ଉତ୍ସବ

ଜୟପୁର, ୨୮/୧୧ (ନି.ପ୍ର): କୋଟସ ଇଗ୍ନୁ ପାଠ୍ୟକେନ୍ଦ୍ରରେ ଜୁଲାଇ ୨୦୨୩ ଚକ୍ର ନିମନ୍ତେ ନୂତନ ଛାତ୍ରଛାତ୍ରୀଙ୍କ ଅଧିଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୋଟସ ନିର୍ଦ୍ଦେଶକ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଇଗ୍ନୁ ପାଠ୍ୟକ୍ରମ ଏକ ସମୟ ଉପଯୋଗୀ ଓ ଉଚ୍ଚକୋଟୀର ଶିକ୍ଷା ବ୍ୟବସ୍ଥା ଅଟେ । ଏହି ଅଂଚଳର ଛାତ୍ରଛାତ୍ରୀ ମାନେ ଇଗ୍ନୁ ଜରିଆରେ ଉଚ୍ଚ ଶିକ୍ଷା ପାଇ ପାରିବେ ବୋଲି ସେ ଆଲୋକପାତ କରିଥିଲେ। ଇଗ୍ନୁ ଆଂଚଳିକ କେନ୍ଦ୍ରର ଉପ ନିର୍ଦ୍ଦେଶକ ଡ. ଲତିକା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଗୋପବନ୍ଧୁ ପ୍ରଶାସନିକ ଅନୁଷ୍ଠାନର ପୂର୍ବତନ ଉପ ନିର୍ଦ୍ଦେଶକ ପ୍ରଫେସର ରବି ନାରାୟଣ ପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କୋଟସ ପାଠ୍ୟ କେନ୍ଦ୍ରର ସଂଯୋଜକ ଡ. ନରେନ୍ଦ୍ର କୁମାର ରଥ ଯୋଗଦେଇ ବିବରଣୀ ପଠନ କରିଥିଲେ। ସଭା ପରେ ଗୋପୀନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କୋରାପୁଟ, ସେମିଳିଗୁଡା, ସୁନାବେଡା ଓ ନନ୍ଦପୁର ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ମାନେ ଯୋଗଦେଇ ଥିଲେ। ଏହି ଅବସରରେ କାଉନସିଲର ଡ.ଏସ.ପି.ଗନ୍ତାୟତ ଓ ଡ. ନାରାୟଣ ପଣ୍ଡା ଶିକ୍ଷାର୍ଥୀ ମାନଙ୍କୁ ଉଦବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ପଣ୍ଡା, ଅଶୋକ କୁମାର ନନ୍ଦ ସମେତ କାର୍ଯ୍ୟାଳୟର ବାଞ୍ଛାନିଧି ଚୌଧୁରୀ, ଦୀପକ କୁମାର କାଣ୍ଡି, ବଳରାମ ନାୟକ ଓ ସୂର୍ଯ୍ୟକାନ୍ତ ନାଗ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

# ଆମ୍ବୁଲାନ୍ସ ସେବା ଲୋକାର୍ପଣ କଲେ ବିଧାୟକ

ଜୟପୁର, ୨୮/୧୧ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ବଡଜିଉନା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଆମ୍ବୁଲାନ୍ସ ସେବା ଆଜି ଲୋକାର୍ପଣ ହୋଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ରିବନ କାଟି ସବୁଜ ପତକା ଦେଖାଇ ଲୋକାର୍ପଣ କରିଥିଲେ ।


**ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର**

**ଶୁଦ୍ଧିପତ୍ର**

ଖଡ଼ଗପୁର ସିନିଅର ଡିଭିଜନାଲ ବାଣିଜ୍ୟ ପରିଚାଳକଙ୍କ ଦ୍ୱାରା ପୂର୍ବରୁ ପ୍ରକାଶିତ ଇ-ନିଲାମ ବିଜ୍ଞପ୍ତିର ଶୁଦ୍ଧିପତ୍ର । ଇ-ନିଲାମ ବିଜ୍ଞପ୍ତିରେ ଆଂଶିକ ରୂପାନ୍ତରଣରେ, ୧୭.୧୧.୨୦୨୩ ତାରିଖର ସୋର, ଖଡ଼ଗପୁର, ବାଲେଶ୍ୱରରେ ଏସି ପେଡ୍ ଲାଉଂଜ (ମହିଳା ଏବଂ ସାଧାରଣ) ଏବଂ ଖଡଗପୁର, ହିଜ୍ଜଳି ରେଳ ଷ୍ଟେସନରେ ଏସି ଓ୍ୱେଟିଂ ହଲ୍ (ମହିଳା ଏବଂ ସାଧାରଣ)ଙ୍କ ପାଇଁ ୧୭/୧୧/୨୦୨୩ରେ ପ୍ରକାଶିତ ହୋଇଥିବା ଇ-ଅକସନ ନୋଟିସରେ ଆଂଶିକ ସଂଶୋଧନ କରାଯାଇ ମୁଦ୍ରଣଗତ ତ୍ରୁଟି ଯୋଗୁ ଚୁକ୍ତିନାମାର ଅବଧି ଟାଇପୋଗ୍ରାଫିକ୍ ତ୍ରୁଟି ହେତୁ ୦୩ (ତିନି) ବର୍ଷ ପରିବର୍ତ୍ତେ ୦୫ (ପାଞ୍ଚ) ବର୍ଷ ହେବ ।

(PR-860 / C)


# ଜୟପୁରରେ ବୋଇତ ବନ୍ଦାଣ ଉତ୍ସବ

ଜୟପୁର, ୨୮/୧୧ (ନି.ପ୍ର): ପବିତ୍ର କାର୍ତିକ ପୂର୍ଣ୍ଣିମା ଉପଲକ୍ଷେ ଆଜି ଜୟପୁର ଠାରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଛି । ପିଲା ଠାରୁ ଆରମ୍ଭ କରି ବୁଢା ପର୍ଯ୍ୟନ୍ତ ସମସ୍ତେ ଭୋରରୁ ହାତରେ କଦଳୀ ମଞ୍ଜାରେ ନିର୍ମିତ ଛୋଟ ଛୋଟ ବୋଇତ ଧରି ଜୟପୁର ସ୍ଥିତ ଐତିହାସିକ ଜଗନ୍ନାଥ ସାଗର, ଖଜୁରି ବନ୍ଧ ଠାରେ ବୋଇତ ବନ୍ଦାଣ କରିଥିଲେ । ବୋଇତ ଗୁଡିକରେ ଗେଣ୍ଡୁଫୁଲ ସହ ପାନପତ୍ର ଗୁଆ ପାଣିରେ ଭସାଇଥିଲେ । ବିଶେଷ କରି ଛୋଟ ପିଲା ଓ ମହିଳା ମାନଙ୍କ ମଧ୍ୟରେ ବୋଇତ ବନ୍ଦାଣକୁ ନେଇ ବେଶ ଆଗ୍ରହ ଥିବା ପରିଲକ୍ଷିତ ହୋଇଥିଲା । ଜୟପୁରରେ ଜଗନ୍ନାଥ ସାଗରରେ ଶ୍ରଦ୍ଧାଳୁ ମାନେ ବୋଇତ ବନ୍ଦାଣ ଉତ୍ସବ ପାଳନ କରିଥିଲେ । ପୋଖରି ନିକଟରେ ବାଣ ଫୁଟାଇ ପିତୃ ପୁରଷଙ୍କୁ ଅର୍ପଣ କରିଥିଲେ । ରାତ୍ର ୧ଟା ଠାରୁ ବାଣ ଫୁଟାଇ ଲୋକ ମାନେ ଆନନ୍ଦ ଉଲ୍ଲାସରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରିଥିଲେ ।

# ଉତ୍କଳ ଗୌରବ ସେବା ସଂସଦର ନୂତନ ଗୃହ ଉଦ୍‌ଘାଟିତ

ଧର୍ମଶାଳା, ୨୮/୧୧ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଢିହସାହି ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍କଳ ଗୌରବ ସେବା ସଂଦର ନୂତନ ଗୃହ ଉଦଘାଟିତ ହୋଇଯାଇଛି । ଉତ୍କଳ ଗୌରବ ସେବା ସଂସଦର ସଭାପତି ଜିତେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ମେଲଣ ପଡିଆ ନିକଟସ୍ଥ ଏହି ନୂତନ ଗୃହକୁ ମୁଖ୍ୟ ଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ, ବ୍ରହ୍ମବରଦା ସରପଂଚ ମମତା ଶୁଭଦର୍ଶିନୀ ଦେଓ, ସିନେ ଅଭିନେତା ସାଗର ମହାନ୍ତି, ସିନେ ଅଭିନେତ୍ରୀ ଶୁଶ୍ରୀ ନେହା ନାଗେଶ୍ୱର, ଉତ୍କଳ ଗୌରବ ସେବା ସଂଦର ପୂର୍ବତନ ସଭାପତି ପ୍ରଦୀପ ଦାସ ଓ ଯୁବନେତା ରାକେଶ ଦେଓ ପ୍ରମୁଖ ଯୋଗଦେଇ ଏହାର ଉଦଘାଟନ କରିଥିଲେ । ସଂସଦର ସମ୍ପାଦକ ନିରାକାର ବେହେରା, ଉପ-ସଭାପତି ନିତ୍ୟାନନ୍ଦ ରାଉତ, କୋଷାଧ୍ୟକ୍ଷ ପ୍ରଭାତ ଘଡାଇ, ସଭ୍ୟ ଅମୀୟ ବେହେରା, ମହେଶ ବେହେରା, ପ୍ରବୋଧ ଦାସ, କାବୁଲି ବାରିକ, ରାଜେଶ ଜେନା ଓ ବିର୍ସା ବାରିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସଂସଦର ସ୍ଥାୟୀ ନୂତନ ଗୃହକୁ ନେଇ ସଂସଦ ପକ୍ଷରୁ ବରୀ ବିଧାୟିକାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ରାଜ୍ୟ ସିନିୟର ବ୍ୟାଡ଼ମିଂଟନ ଚମ୍ପିଆନସିପ୍ ଉଦ୍‌ଘାଟିତ

ବଲାଙ୍ଗିର, ୨୮/୧୧ (ନି.ପ୍ର): ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ଇନଡୋର ଷ୍ଟାଡିୟମ ଠାରେ ଓଡ଼ିଶା ରାଜ୍ୟ ସିନିୟର ବ୍ୟାଡ଼ମିଂଟନ ଚମ୍ପିଆନସିପ୍ ଉଦଘାଟିତ ହୋଇଯାଇଛି । ଜିଲା ବ୍ୟାଡ଼ମିଂଟନ ସଂଘ ଦ୍ୱାରା ଆୟୋଜିତ ଏହି ସିନିୟର ବ୍ୟାଡ଼ମିଂଟନ ଚମ୍ପିଆନସିପ୍ ସୋମବାରରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୯ ତାରିଖ ବୁଧବାର ଯାଏଁ ଚାଲିବ । ଏହାର ଉଦଘାଟନୀ ଦିବସରେ ରାଜ୍ୟର ପ୍ରତିଷ୍ଠିତ ଶିଳ୍ପଦ୍ୟୋଗୀ ଓଭୋ ଫାର୍ମର ପରିଚାଳନା ନିର୍ଦ୍ଦେଶକ ସୌମେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଉଦଘାଟନ କରିଥିଲେ ।

ଏହି ଅବସରରେ ଶ୍ରୀ ମିଶ୍ର ସଦ୍ୟ ସମାପ୍ତ ହୋଇଥିବା ଦେଶର ୩୫ ତମ ସବଜୁନିୟର ବ୍ୟାଡ଼ମିଣ୍ଟନ ଚମ୍ପିଆନସିପର ସଫଳ ସମାପାନ ପାଇଁ ଉଦ୍ୟୋକ୍ତାମାନଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ବଲାଙ୍ଗିରର ଏହି ପୃଥ୍ୱୀରାଜ ହାଇସ୍କୁଲ ଇନଡୋର ଷ୍ଟାଡିୟମ କେବଳ ଆମ ଜିଲା କି ରାଜ୍ୟ ନୁହେଁ, ଦେଶର ପ୍ରତ୍ୟେକ ରାଜ୍ୟର ଖେଳାଳିଙ୍କ କାମରେ ଆସି ସାରିଛି ବୋଲି କହିବା ସହ ଆଜିଠୁ ଆରମ୍ଭ ହେଉଥିବା ଏହି ବରିଷ୍ଠ ରାଜ୍ୟ ଚମ୍ପିଆନସିପ୍ ରେ ଯୋଗଦେଇଥିବା ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ପ୍ରତିଯୋଗିତାର ସାଂଗଠାନିକ ସମ୍ପାଦକ ସୁରୁଲାଲ ମଟାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେଉଥିବା ଏହି ପ୍ରତିଯୋଗିତାରେ ସାରା ରାଜ୍ୟରୁ ୧୬ ଜଣ ରେଫରୀ ଓ ଟେକ୍ନିକାଲ ଅଫିସିଆଲ ପ୍ରତିଯୋଗିତା ପରିଚାଳନା ପାଇଁ ଯୋଗ ଦେଇଛନ୍ତି । ଓଡ଼ିଶା ରାଜ୍ୟ ବ୍ୟାଡ଼ମିଣ୍ଟନ ସଂଘର ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପର୍ଯ୍ୟବେକ୍ଷକ ଭାବେ ନୂଆପଡ଼ା ଜିଲ୍ଲା ସମ୍ପାଦକ ଅଙ୍କିତ କୁମାର ସାହୁ, ସୁଦୀପ୍ତ ବିଶୋଇ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଛନ୍ତି । ପ୍ରତିଯୋଗିତାର ସଫଳ ରୂପାୟନ ପାଇଁ ରାଜ୍ୟ ସଂଘ ଏବଂ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ସହଯୋଗ ଯୋଗାଇ ଦିଆଯାଇଛି । ଚିଫ ରେଫରୀ ଭାବେ ବିଜୟ କୁମାର ବାଗ ସମସ୍ତ ଖେଳକୁ ପରିଚାଳନା କରିବେ ।

ପ୍ରତିଯୋଗିତା ଆୟୋଜନରେ ଜିଲା ବ୍ୟାଡ଼ମିଂଟନ ସଂଘ ସଭାପତି ଗୋପାଳ ଚନ୍ଦ୍ର ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଉପଦେଷ୍ଟା ବିରେନ୍ଦ୍ର ମିଶ୍ର, ସୁଶାନ୍ତ ଚୋପଦାର, ଘନଶ୍ୟାମ ମିଶ୍ର, ବୁଲୁ ବେହେରା,ସଂଜୀବ ସାହାଣୀ, ସୁଧିର ପଣ୍ଡା, ସଂଯୋଜକ ଅନନ୍ତ ବେହେରା, ମାନସ ମହାନ୍ତି, କବିରାଜ ଠାକୁର, କାହ୍ନୁ ଲାଲ, ସୁରେନ୍ଦ୍ର ନେପାଲ, ଚନ୍ଦନ ମିଶ୍ର ପ୍ରମୁଖ ସହଯୋଗ କରୁଛନ୍ତି ।

# କଳିଙ୍ଗ ବାଲିଯାତ୍ରାରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ଷ୍ଟଲ୍ ଉଦ୍‌ଘାଟିତ




ପାରାଦୀପ, ୨୮/୧୧ (ନି.ପ୍ର): ପାରାଦୀପ ବିଜୁ ମଇଦାନରେ କଳିଙ୍ଗ ବାଲିଯାତ୍ରା ମହୋତ୍ସବରେ ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ଦ୍ୱାରା ସ୍ଥାପିତ ଷ୍ଟଲ୍ କୁ ଓଡିଶା ସରକାର ଙ୍କ ଶିଳ୍ପ, ଏମଏସଏମଇ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ ପ୍ରତାପ କେଶରୀ ଦେବଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି । ଏହି ଅବସରରେ, ଜଗତ୍ସିଂହପୁର ସାଂସଦ, ଡ ରାଜଶ୍ରୀ ମଲ୍ଲିକ, ପାରାଦୀପ ବିଧାୟକ, ଶ୍ରୀ ସମ୍ବିତ ରାଉତରାୟ, ଏଏମ୍/ଏନ୍ଏସ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଓଡିଶା ଅପରେସନ୍ସ, ଶ୍ରୀ ସୁରେଶା ଜି, ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ସ୍ଥାନୀୟ ମହିଳାମାନଙ୍କୁ ସଶକ୍ତିକରଣ ଏବଂ ଶକ୍ତିଶାଳୀ କରିବା ପାଇଁ ଏହାର ପ୍ରୟାସରେ, ଏମ୍ଏମ୍/ଏନ୍ଏସ୍ ଇଣ୍ଡିଆର ସିଏସ୍ଆର୍ ୱିଙ୍ଗ୍ ପାରାଦୀପରେ ବିଭିନ୍ନ ଏସ ଏଚ ଜି ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଉତ୍ପାଦ ଷ୍ଟଲରେ ପ୍ରଦର୍ଶନ କରିବାର ଏକ ନିଆରା ପଦକ୍ଷେପ ନେଇଛି। ପରିଦର୍ଶକମାନେ ଷ୍ଟଲରେ ଏକତ୍ରିତ ହୋଇ ଆପ୍ଲିକ୍ ହସ୍ତତନ୍ତ (ଚାନ୍ଦୁଆ), ବିଭିନ୍ନ ମିଲେଟ୍ ଉତ୍ପାଦ, ପ୍ରକ୍ରିୟାକୃତ ଶୁଖିଲା ଖାଦ୍ୟ, ଟେରାକୋଟା ହାଣ୍ଡି ଏବଂ ହସ୍ତତନ୍ତ ଖେଳଣା ପରି ହସ୍ତତନ୍ତ ସାମଗ୍ରୀ କ୍ରୟ କରିଥିଲେ । ନୁଆଗଡର ଜାଗୃତି ଭେରାଇଟି ପ୍ରତ୍ୟୁସର ଗ୍ରୁପ ଏସ ଏଚ ଜି ସଦସ୍ୟ, ନିଳମାଧବ ପ୍ରତ୍ୟୁସର ଗ୍ରୁପ ଏବଂ ବଳଦିଆ କୋହିନୁର ପ୍ରତ୍ୟୁସର ଗ୍ରୁପ ଏବଂ ଚକ୍ରଧରପୁରର ମା ମଙ୍ଗଳା ଏସ ଏଚ ଜି ସଦସ୍ୟ ଏଏମ୍/ଏନ୍ଏସ୍ ଇଣ୍ଡିଆର ଷ୍ଟଲରେ ଅଂଶଗ୍ରହଣ କରିଛନ୍ତି।

ଶିଳ୍ପ, ଏମଏସଏମଇ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ ପ୍ରତାପ କେଶରୀ ଦେବ, ଏସ ଏଚ ଜି ଗୋଷ୍ଠୀର ମହିଳାମାନଙ୍କୁ ସଶକ୍ତିକରଣ ତଥା ସେମାନଙ୍କ ଜୀବିକା ନିର୍ବାହ ପାଇଁ ସହାୟତା ପ୍ରଦାନ ପାଇଁ ଏଏମ୍/ଏନଏସ ଇଣ୍ଡିଆ ନେଇଥିବା ସିଏସଆର ପଦକ୍ଷେପକୁ ପ୍ରଶଂସା କରିଛନ୍ତି । କଳିଙ୍ଗ ବାଲିଯାତ୍ରା ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଏଏମ୍/ଏନ୍ଏସ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଓଡିଶା ଅପରେସନ୍ସ, ଶ୍ରୀ ସୁରେଶା ଜି, କହିଛନ୍ତି, "ସମୃଦ୍ଧ ସଂସ୍କୃତି ଏବଂ ପରମ୍ପରା ସହିତ ଓଡିଶା ଆମ ପାଇଁ ମହତ୍ୱପୂର୍ଣ ଅଟେ। ଏହାର ପରମ୍ପରାରେ ଅଂଶଗ୍ରହଣ କରିବା ଆମକୁ ଅପାର ଆନନ୍ଦ ଏବଂ ଗର୍ବ ପ୍ରଦାନ କରେ । ଆମେ ଏହି ଅଂଚଳର ବିକାଶ ପାଇଁ ଦୃଢ ଭାବରେ ଠିଆ ହୋଇଛୁ ଏବଂ ମହିଳା ସଶକ୍ତିକରଣ ଆମର ମୁଖ୍ୟ ଲକ୍ଷ୍ୟ ମଧ୍ୟରୁ ଅନ୍ୟତମ। "ମହିଳା ସଶକ୍ତିକରଣ ପାଇଁ ଆମେ ପ୍ରତିବଦ୍ଧତା ଅଟୁ ।

# ସରକାରୀ ଯୋଜନା ବିଷୟରେ ଅବଗତ କରାଇ ଇନରହୁଇଲ ପାଳିଲା କାର୍ତ୍ତିକ ବ୍ରତ




ଉଦଳା , ୨୮/୧୧ (ନି.ପ୍ର): କେବଳ ମହିଳା ମାନଙ୍କୁ ନେଇ ଉଦଳାରେ ଗଢ଼ି ଉଠିଥିବା କ୍ଲବ ଇନରହୁଇଲ ତରଫରୁ ଚଳିତ ବର୍ଷ ଏକ ଭିନ୍ନ ପ୍ରକାର ଢ଼ଙ୍ଗରେ ପବିତ୍ର କାର୍ତିକ ବ୍ରତ ପାଳିତ ହୋଇ ଯାଇଛି । ଏହି ଅବସରରେ କ୍ଲବର ସଭାପତି ଜୟନ୍ତୀ ପଟ୍ଟନାୟକଙ୍କ ନେତୃତ୍ୱରେ ସହର ମଧ୍ୟରେ ଥିବା ମଠ, ମନ୍ଦିର ମାନଙ୍କରେ ଶ୍ରଦ୍ଧାଳୁ ମାନଙ୍କୁ ପ୍ରସାଦ ବିତରଣ ସହିତ ମହିଳା ମାନଙ୍କ ପାଇଁ ସରକାରଙ୍କ ଯୋଜନା ଯଥା - ମହିଳାଶକ୍ତି କେନ୍ଦ୍ର, କନ୍ୟା ସମୃଦ୍ଧି ଯୋଜନା, ରାଷ୍ଟ୍ରୀୟ ପୋଷଣ ଅଭିଯାନ, ମହିଳା ପୁଲିସ ସ୍ୱୟଂ ସେବକ ଇତ୍ୟାଦି ସମ୍ପର୍କରେ ଅବଗତ କରାଇଥିଲେ । ରୋଟାରୀ କ୍ଲବ ଉଦଳାର ସଦସ୍ୟ ମାନେ ଇନରହୁଇଲ କ୍ଲବର କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହଯୋଗର ହାତ ବଢ଼ାଇଥିଲେ । ଶେଷରେ କ୍ଲବର ସଂପାଦିକା ମମତା ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାରିପଦାରେ କାର୍ତ୍ତିକ ପୂର୍ଣ୍ଣମୀ ପାଳିତ

ବାରିପଦା , ୨୮/୧୧ (ନି.ପ୍ର): ଧର୍ମ ମାସ କାର୍ତ୍ତିକ ବ୍ରତର ଆଜି ପୂର୍ଣ୍ଣମୀ ଥିବାରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ବାରିପଦାର ଶ୍ରୀ ଜଗନ୍ନାଥ ମନ୍ଦିର, ମା ଅମ୍ବିକା ମନ୍ଦିର, ରାଧା ମୋହନ ମନ୍ଦିର, ଗୌରାଙ୍ଗ ମନ୍ଦିର, ରଘୁନାଥ ଜୀଉ ମଠ, ଜ୍ୱାଳାମୁଖି ମନ୍ଦିର ବୁଢାରାଉଳ ମଠ, ବାରୁଣେଶ୍ୱର ଶିବ ମନ୍ଦିର ଆଦି ସମସ୍ତ ମଠମନ୍ଦିର ଗୁଡିକରେ ସକାଳେ ସକାଳେ ଭକ୍ତ ତଥା ହବିସ୍ୟାଳୀ ମାନଙ୍କର ଠାକୁର ଦର୍ଶନ ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ସେହିପରି ଆଜି ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀରେ ସହରର ବିଭିନ୍ନ ଜଳାଶୟ ଏବଂ ନଦିଘାଟ ଗୁଡିକରେ ସକାଳୁ ସକାଳୁ ଡ଼ଙ୍ଗା ଭସାଇବା ପାଇଁ ମହିଳା ମାନଙ୍କର ଭିଡ଼ ଲାଗିଥିଲା। ଓଡ଼ିଆ ଜାତିର ଗୌରବ ସାଧବ ପୁଅ ମାନେ ଆଜିର ଦିନରେ ନୌ ବାଣିଜ୍ୟ ପାଇଁ ଯାତ୍ରା ଆରମ୍ଭ କରୁଥିବାରୁ ଏହି ପରମ୍ପରାକୁ ବଜାୟ ରଖିବା ପାଇଁ ଏହି ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ତେବେ ପ୍ରବଳ ଜନ ଗହଳି କୁ ଲକ୍ଷରେ ରଖି ଜିଲ୍ଲା ପୋଲିସ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ ଏବଂ ଶାନ୍ତି ଶୃଙ୍ଖଳା ରକ୍ଷା ଉଦେଶ୍ୟରେ ବ୍ୟାପକ ପୋଲିସ ମୁତୟନ ହୋଇଥିବାର ଦେଖା ଯାଇଥିଲା।



# ଭଂଜପୁର ଜଗଦ୍ଧାତ୍ରୀ ମେଳାର ୨ୟ ସନ୍ଧ୍ୟା: ଭିକାରି ବଳଙ୍କ ଭଜନ ଏବଂ ଆଦିବାସୀ ନୃତ୍ୟରେ ମନ୍ତ୍ରମୁଗ୍ଧ ଜନତା




ବାରିପଦା , ୨୮/୧୧ (ନି.ପ୍ର): ଭଂଜପୁର ଠାରେ ମା' ଜଗଦ୍ଧାତ୍ରୀଙ୍କ ପୂଜା ଅବସରରେ ଆୟୋଜିତ ମେଳାର ଦ୍ୱିତୀୟ ସନ୍ଧ୍ୟାରେ ପ୍ରଥମେ ବାରିପଦାର ଦୁଇ ଉଦୀୟମାନ ଗୀଟାର ବାଦକ ପ୍ରଭାସ ମହାନ୍ତ ଓ ପ୍ରତ୍ୟୁଷ ମହାନ୍ତ ସୁନ୍ଦର କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ । ପରେ ପରେ କଟକରୁ ଆସିଥିବା ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ପ୍ରଭୁ ଜଗନ୍ନାଥଙ୍କ ଉପରେ ଭଜନ ପରିବେଷଣ ଦର୍ଶକ ମାନଙ୍କୁ ବିମୋହିତ କରିଥିଲେ । ଭଜନ ସମ୍ରାଟ ଭିକାରି ବଳଙ୍କ ଭଜନକୁ ଓଡିଶାର ସୁନାମଧନ୍ୟ ଭଜନ ଗାୟକ ରବୀନ୍ଦ୍ର ନାଥ ମିଶ୍ରଙ୍କ ଭଜନ ପରିବେଷଣ ଦର୍ଶକ ମାନଙ୍କୁ ବେଶ ଆକର୍ଷିତ କରିଥିଲା । ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବାରିପଦା ମ୍ୟୁନିସିପାଲିଟିର ଉପ ନଗରପାଳ ସୀମା ଦାସ କମିଟି ତରଫରୁ ଭଜନ ଗାୟକ ଶ୍ରୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିବା ସହ ଏକ ସୁନ୍ଦର ସାଇ ଭଜନ ପରିବେଷଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ, ସାଂସ୍କୃତିକ ସମ୍ପାଦକ ମାନସ ମହାନ୍ତି ଓ ପ୍ରୀତମ ପଣ୍ଡା ଉପସ୍ଥିତ ଥିଲେ । ସୋମନାଥ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆଦିବାସୀ ଛାତ୍ର ୟୁନିୟନ ପକ୍ଷରୁ ଆଦିବାସୀ ନୃତ୍ୟ ଓ ଗୀତ ପରିବେଷିତ ହୋଇଥିଲା। ଓଡିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡରେ ବେଶ ସୁନାମ ଅର୍ଜନ କରିଥିବା ଆଦିବାସୀ ଗାୟକ ମରାଇନି ସୋରେନ, ନିର୍ମଳା କିସ୍କୁ, ଅମନ ମୁର୍ମୁ ଓ ପୋ ପାଲଙ୍କ ସଂଗୀତ ବେଶ ମନ ମୋହିଥିଲା ।

# ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାର ମୁରୁଜ ପ୍ରତିଯୋଗିତା ଓ ସାମୁହିକ ଭୋଜନ

ବାଲେଶ୍ୱର, ୨୮/୧୧ (ନି.ପ୍ର): ସହଦେବଖୁଣ୍ଟାସ୍ଥିତ ବ୍ୟାସକବି ନଗର ବିକାଶ ପରିଷଦ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସ୍ଥାନୀୟ ଶିବମନ୍ଦିର ପରିସରରେ କିଶୋରୀମାନଙ୍କ ମଧ୍ୟରେ ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିଳ୍ପୀ କେଶୁ ଦାସ ବିଚାରକ ଭାବେ କୃତି ପ୍ରତିଯୋଗୀମାନଙ୍କ ନାମ ଘୋଷଣା କରିଥିଲେ। ଆସନ୍ତା ଜାନୁଆରୀରେ ବ୍ୟାସକବିଙ୍କ ଜୟନ୍ତୀ ଓ ପରିଷଦର ବାର୍ଷିକ ଉତ୍ସବ ଅବସରରେ କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ରାଶି ଓ ପ୍ରମାଣପତ୍ର ପ୍ରଦାନ କରିବେ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ସ୍ଥାନୀୟ ଅଧିବାସୀମାନଙ୍କ ଦ୍ୱାରା ଆୟୋଜିତ ସାମୁହିକ ଭୋଜନ କାର୍ଯ୍ୟକ୍ରମରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଓ ସ୍ଥାନୀୟ ସହସ୍ରାଧିକ ଜନସାଧାରଣ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ନିମନ୍ତ୍ରିତ ଅତିଥି ଓ ସ୍ଥାନୀୟ ବାସିନ୍ଦାମାନଙ୍କୁ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ମନୋଜ ନାୟକ, ଅକ୍ଷୟ କୁମାର ତ୍ରିପାଠୀ, ସଭାପତି ରଞ୍ଜନ କୁମାର ଭୋଇ, କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ଉପାଧ୍ୟାୟ, ଉପସଭାପତି ସରସ୍ୱତୀ ପଣ୍ଡା, କୋଷାଧ୍ୟକ୍ଷ ଇଂ. ଡମ୍ବରୁଧର ପ୍ରଧାନ ଓ ଭଗବାନ ମହନୀ ପ୍ରମୁଖ ସେମାନଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି।



# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ




ନୀଳଗିରି , ୨୮/୧୧ (ନି.ପ୍ର): ମଙ୍ଗଳବାର ନୀଳଗିରି ବ୍ଲକ୍ ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନୀଲ କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଦୁଲାଲସେନ ଜଗଦେବ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ସ୍ଥାନୀୟ ଉପଜିଲ୍ଲାପାଳ ମନ୍ଦର ଧର ମହାଳିକ, ବିଡ଼ିଓ ରାହୁଲ ମଣ୍ଡଳ, ତହସିଲଦାର ଦିପ୍ତିମୟୀ ବେହେରା ସମେତ ଜିଲ୍ଲା ଓ ଉପଖଣ୍ଡର ସମସ୍ତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ରହି ସାଧାରଣ ଜନତାଙ୍କ ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ। ଏହି ଶିବିରରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟଜଳ, ପ୍ରଧାନମନ୍ତ୍ରୀ ଆବାସ,ବିଦ୍ୟୁତ, ଡ୍ରେନେଜ୍,ଜଙ୍ଗଲ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବକେୟା ପ୍ରାପ୍ୟ, ଭତ୍ତା, ଶ୍ମଶାନ ବିଶ୍ରାମ ଗୃହ, ଆଇନ ଶୃଙ୍ଖଳା ଉଭୟ ସାମୁହିକ ଓ ବ୍ୟକ୍ତିଗତ ମୋଟ ୮୫ଗୋଟି ଅଭିଯୋଗର ଶୁଣାଣୀ କରିଥିଲେ। ଏଥିରେ ନୀଳଗିରି ପଞ୍ଚାୟତ ସମିତି ଅଧିନସ୍ଥ ୨୫ଗୋଟି ଗ୍ରାମପଞ୍ଚାୟତର ହିତାଧିକାରୀଙ୍କ ବିଶେଷ ଅଭିଯୋଗରେ ବାର୍ଦ୍ଧକ୍ୟ ଭତ୍ତା, ରେସନ କାର୍ଡରେ ନାମ ସଂଯୋଗୀକରଣ, ଆବାସ ଯୋଜନାରେ ବକେୟା ପ୍ରାପ୍ୟ ନ ପାଇବାକୁ ଜିଲ୍ଲାପାଳ ଶ୍ରୀଯୁକ୍ତ ସିନ୍ଧେ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଗୁରୁତ୍ୱଦେଇ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ବିଭାଗୀୟ ଅଧିକାରୀଙ୍କ ସମେତ ସାଧାରଣ ଜନତା,ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ପାହାଡ ପାଟିର...

ଏହା ସହ ଏହି ପାଇପକୁ ସୁଡ଼ଙ୍ଗ ଭିତରକୁ ପ୍ରବେଶ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ନଭେମ୍ବର ୧୫ରେ ପ୍ରଥମ ଡ୍ରିଲିଂ ମେସିନର କାର୍ଯ୍ୟଦକ୍ଷତାକୁ ନେଇ ଏନଏଚଆଇଡିସିଏଲ୍ ଅସନ୍ତୁଷ୍ଟ ହେବାରୁ ଦିଲ୍ଲୀରୁ ବିମାନ ସାହାଯ୍ୟରେ ଏକ ଅତ୍ୟାଧୁନିକ ଆମେରିକୀୟ ଆଗର୍ ମେସିନ୍ ଅଣାଯାଇଥିଲା। ନଭେମ୍ବର ୧୬ରେ ଉଚ୍ଚ କ୍ଷମତା ସମ୍ପନ୍ନ ଡ୍ରିଲିଂ ମେସିନ୍ ଉଦ୍ଧାରସ୍ଥଳୀରେ ସ୍ଥାପନ କରାଯାଇ ମଧ୍ୟରାତ୍ରିରେ ଏହା କାମ କରିବା ଆରମ୍ଭ କରିଥିଲା। ନଭେମ୍ବର ୧୭ରେ ଅପରାହ୍ନ ସୁଦ୍ଧା ମେସିନ୍ ପ୍ରାୟ ୨୪ ମିଟର ଡବଲ୍ ଡ୍ରିଲ୍ କରିଥିଲା ଏବଂ ଛଅ ମିଟର ଲମ୍ବ ବିଶିଷ୍ଟ ଚାରିଟି ଏମ୍ଏସ୍ ପାଇପ୍ ସୁଡ଼ଙ୍ଗ ଭିତରକୁ ଭର୍ତ୍ତି କରାଯାଇଥିଲା। ମାତ୍ର ପଞ୍ଚମ ପାଇପ୍ ଭିତରକୁ ପ୍ରବେଶ କରିବା ସମୟରେ ଚଟ୍ଟାଣ ସହ ଧକ୍କାଖାଇବାରୁ ବାଧା ଦେଖାଦେଇଥିଲା। ଫଳରେ ଖନନ ପ୍ରକ୍ରିୟା ବନ୍ଦ ହୋଇଯାଇଥିଲା। ପରେ ନଭେମ୍ବର ୧୮ରେ ଡ୍ରିଲିଂ ବନ୍ଦ କରିବାକୁ ବିଶେଷଜ୍ଞମାନେ ନିଷ୍ପତ୍ତି ନେଲେ । କାରଣ ଟନେଲ ଭିତରେ ଡିଜେଲ ଚାଳିତ ୧୭୫୦ ହର୍ଷପାଓ୍ୱାର ବିଶିଷ୍ଟ ଆମେରିକୀୟ ଅଗର୍ ମେସିନ୍ ଚାଲିବା ଫଳରେ ତା' ଦ୍ୱାରା ସୃଷ୍ଟି ହୋଇଥିବା କମ୍ପନ ହେତୁ ଖଣ୍ଡ ଖଣ୍ଡ ହୋଇ ପଥର ଖସିବାକୁ ଲାଗିଲା। ଏଣୁ ବିଶେଷଜ୍ଞମାନେ ପାହାଡ ଉପର ପଟୁ ଏକ ଭୂଲମ୍ବ ଗର୍ତ୍ତ ଖନନ ପାଇଁ ପ୍ରସ୍ତୁତି ଆରମ୍ଭ କଲେ। ନଭେମ୍ବର ୨୧ରେ ସୁଡ଼ଙ୍ଗରେ ଫସିଥିବା ୪୧ ଜଣ ଶ୍ରମିକଙ୍କ ପ୍ରଥମ ଭିଜୁଆଲ୍ ଆସିଲା। ନୂତନ ୬ ଇଞ୍ଚ ବ୍ୟାସର ପାଇପଲାଇନ ମାଧ୍ୟମରେ ପଠାଯାଇଥିବା ଏକ ଏଣ୍ଡୋସ୍କୋପିକ୍ କ୍ୟାମେରା ଦ୍ୱାରା କଏଦ ହୋଇଥିବା ଭିଡିଓ କ୍ଲିପ୍ ସେଠାରେ କିଛି ଦିନ ଧରି ପଡ଼ି ରହିଥିବା ସମ୍ପର୍କୀୟଙ୍କ ପାଇଁ ଆଶା ସଞ୍ଚାର କରିଥିଲା। ନଭେମ୍ବର ୨୪ରେ ସୁଡ଼ଙ୍ଗରେ ପୁଣି ଡ୍ରିଲିଂ ବନ୍ଦ କରାଗଲା । ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଇଂଜିନିୟର କହିଲେ ଯେ ଅଗର ଡ୍ରିଲିଂ ମେସିନ୍ ଶକ୍ତ ପଥର ସହ ଧକ୍କା ଖାଇବାରୁ ବୈଷୟିକ ସମସ୍ୟା ସୃଷ୍ଟି ହୋଇଥିଲା। ନଭେମ୍ବର ୨୬ରେ ୪୧ଜଣ ଶ୍ରମିକଙ୍କୁ ଉଦ୍ଧାର କରିବା ଲାଗି ଆସିଥିବା 'ଅଗର ମେସିନ୍' ଅକାମି ହୋଇ ଭଗ୍ନସ୍ତୂପ ମଧ୍ୟରେ ଲାଖିଯିବାରୁ ତାକୁ କାଟି ବାହାର କରିବା ଲାଗି ହାଇଦ୍ରାବାଦରୁ ଗୋଟାଏ 'ପ୍ଲାଜ୍‌ମା କଟର' ଆସିଥିଲା। ଏହା ପରେ 'ଭର୍ଟିକାଲ୍ ଡ୍ରିଲିଙ୍ଗ୍' ଆରମ୍ଭ କରାଗଲା। ଏହି ଅଭିଯାନରେ ଭାରତୀୟ ସେନାର ଇଂଜିନିୟରଙ୍କୁ ସାମିଲ୍ କରାଗଲା। ନଭେମ୍ବର ୨୮ରେ ଟନେଲ୍ ଉଦ୍ଧାର କାର୍ଯ୍ୟରେ ରାଟ୍‌ହୋଲ୍ ମାଇନିଂ କୌଶଳ ମଧ ବ୍ୟବହାର କରାଯାଇ ସୁଡ଼ଙ୍ଗ ଭିତରକୁ ପାଇପ୍ ଭର୍ତ୍ତି କରାଗଲା। ଏହି କୌଶଳରେ ଭୁଶୁଡ଼ି ପଡ଼ିଥିବା ପଥର, ମାଟି ଓ କଂକ୍ରିଟକୁ ହାତରେ ସଫା କରାଯାଏ। ରାଟ୍ ହୋଲ୍ ମାଇନିଂ କୌଶଳର ଉପଯୋଗରେ ଶ୍ରମିକଙ୍କ ପାଖରେ ପହଞ୍ଚିବାରେ ଉଦ୍ଧାରକାରୀ ଦଳ ସକ୍ଷମ ହେଲେ।

## କୁବେର ଆଇଆଇସିଙ୍କ...

ଅଧିକାରୀଙ୍କୁ ଅବଗତ କରାଇଥିଲେ। କିନ୍ତୁ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ଗତକାଲି ରାତିରେ ଭିଜିଲାନ୍ସ ଗିରଫ କରିଥିବା ଖବର ପ୍ରଚାର ହେବାରୁ ସ୍ଥାନୀୟ ଲୋକ ବାଣ ଫୁଟାଇ ଉତ୍ସବ ପାଳନ କରିଥିଲେ। ଉଲ୍ଲେଖଥାଉକି, ପୂର୍ବରୁ ମଧ ସୁଶାନ୍ତଙ୍କ ଛବି ପୁଲିସ ବିଭାଗରେ ନିର୍ମଳ ନଥିଲା। ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନାରେ ସେ କାର୍ଯ୍ୟରତ ଥିବା ସମୟରେ ଅସଦାଚରଣ ନେଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ସେହିପରି କଟକ ଓ ରାୟଗଡ଼ା ଜିଲ୍ଲାରେ କାର୍ଯ୍ୟରତ ସମୟରେ ମଧ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇଛି। ଏହି କାରଣରୁ ତାଙ୍କର ପଦୋନ୍ନତିରେ ମଧ ବିଳମ୍ବ ହୋଇଥିଲା। ଜୁଲାଇ ମାସରେ ପଦୋନ୍ନତି ପରେ ସେ ରାୟଗଡ଼ାରୁ କୋରାପୁଟ ଜିଲ୍ଲାକୁ ବଦଳି ହୋଇଥିଲେ। ଅଗଷ୍ଟ ମାସରେ ସାଇବର ଥାନା ଅଧିକାରୀ ଏବଂ ସେପ୍ଟେମ୍ବରରେ ବୈପାରିଗୁଡା ଥାନା ଅଧିକାରୀ ଭାବେ ଦାୟିତ୍ୱ ନେଇଥିଲେ। ସୋମବାର ରାତିରେ ଘରୋଇ ବସରେ ବିପୁଳ ଟଙ୍କା ନେଇ କଟକ ଯାଉଥିବା ସଂପର୍କରେ ଭିଜିଲାନ୍ସକୁ ସୂଚନା ମିଳିଥିଲା। ଗୋଟିଏ ଟିମ୍ ସ୍ଥାନୀୟ ଟାଙ୍ଗୁଆ ଛକ ଏବଂ ଅନ୍ୟ ଗୋଟିଏ ଟିମ୍ ଜୟପୁର ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରି ରହିଥିଲେ। ପ୍ରଥମ ଟିମ୍ ଟାଙ୍ଗୁଆ ନିକଟରେ କାବୁ କରି ଭିଜିଲାନ୍ସ କାର୍ଯ୍ୟାଳୟକୁ ଆଣିଥିଲା। ଭିଜିଲାନ୍ସ ଏସ୍‌ପିଙ୍କ କାର୍ଯ୍ୟାଳୟରେ ବ୍ୟାଗ୍ ଖୋଲିବାରୁ ନଗଦ ୨ଲକ୍ଷ ୭୦ହଜାର ଟଙ୍କା ମିଳିଥିଲା। ଏହାପରେ ବୈପାରିଗୁଡ଼ା ଥାନା ସ୍ଥିତ ଚାମ୍ବରରେ ତଲାସି ପରେ ନଗଦ ୧ଲକ୍ଷ ୮୦ହଜାର, ସରକାରୀ କ୍ୱାର୍ଟର୍ସରୁ ନଗଦ ୩ଲକ୍ଷ ମିଳିଥିଲା। ଏତେ ପରିମାଣରେ ନଗଦ ଟଙ୍କା କେଉଁଠୁ ଆସିଲା ତାହାର ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ ସୁଶାନ୍ତ। ତଦନ୍ତରେ ସହଯୋଗ ମଧ କରିନଥିଲେ। ପୈତୃକ ଘର ଠିକଣା ଭୁଲ୍ ଦେଇ ଭିଜିଲାନ୍ସକୁ ଭୁଆଁ ବୁଲାଇଥିଲେ। ସୁଶାନ୍ତ ଦେଇଥିବା କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଅଞ୍ଚଳର ଠିକଣାରେ ଟିମ୍ ରାତିରେ ପହଞ୍ଚି ଖୋଜାଖୋଜି କରିଥିଲେ। ହେଲେ ତାଙ୍କର କେହି ସଂପର୍କୀୟ ସେଠାରେ ରହୁନଥିବା ଜଣାପଡ଼ିଥିଲା। ଏହାପରେ ଭିଜିଲାନ୍ସ ଗୁଡ଼େଇ ତୁଡ଼େଇ ପଚାରିବାରୁ କଟକ ବକ୍ସିବଜାରରେ ଗୋଟିଏ ଘର ଥିବା କହିଥିଲେ। ସୂଚନାଯୋଗ୍ୟ, ୧୯୯୯ ମସିହାରେ କନେଷ୍ଟବଳ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ ସୁଶାନ୍ତ। ୨୦୦୮ ମସିହାରେ ପରୀକ୍ଷା ଦେଇ ସିଧାସଳଖ ଏସ୍‌ଆଇ ପାହ୍ୟା ପାଇଥିଲେ। ୨୦୦୯ ମସିହାରୁ ୨୦୨୩ ଜୁଲାଇ ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲା ନରସିଂହପୁର ଥାନା, ତିଗରିଆ, କଟକ ଜିଲ୍ଲାର ଆଠଗଡ ଓ ମଙ୍ଗଳାବାଗ, ଜଗତସିଂପୁର ଜିଲ୍ଲାର ନୂଆଗାଁ, ରାୟଗଡ଼ା ଜିଲ୍ଲା ରାମନାଗୁଡା ଫାଣ୍ଡିରେ ଏସ୍‌ଆଇ ଭାବେ କାମ କରିଥିଲେ।

## ପୂର୍ବପଟ ମୁଖ୍ୟ ବିମ୍‌ରେ...

କହିଛନ୍ତି। ସୂଚନାଯୋଗ୍ୟ, ବହୁଦିନରୁ ନାଟମଣ୍ଡପରେ ଥିବା ଫାଟ କ୍ରାକ୍ ମିଟର ଜରିଆରେ ଅନୁଧ୍ୟାନ କରାଯାଉଥିଲା। ହାଇକୋର୍ଟଙ୍କ ଆଦେଶ ପରେ ନାଟମଣ୍ଡପ ବିମ୍ ମରାମତି କାମ ଆରମ୍ଭ ହୋଇଛି। କିନ୍ତୁ କାର୍ତ୍ତିକ ମାସ ଚାଲିଥିବାରୁ କାମରେ ସେତେଟା ଅଗ୍ରଗତି ଦେଖିବାକୁ ମିଳିନଥିଲା। କାର୍ତ୍ତିକ ମାସ ଶେଷ ପରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ମରାମତି କାମକୁ ତ୍ୱରାନ୍ୱିତ କରିଛି। ବହୁଦିନର ପ୍ରତୀକ୍ଷା ପରେ ଶେଷରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ସ୍ଥିତି ଅନୁଧ୍ୟାନ ଆରମ୍ଭ ହୋଇଛି। ରତ୍ନଭଣ୍ଡାର ବାହାରପାର୍ଶ୍ୱର ଆଜି ଲେଜର ସ୍କାନିଂ କରାଯାଇଛି। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ, ଶ୍ରୀମନ୍ଦିର ପ୍ରଶାସନର ପ୍ରାୟ ୨୦ଜଣିଆ ବୈଷୟିକ ଦଳ ଆଜି ରତ୍ନଭଣ୍ଡାର ବାହାରପାର୍ଶ୍ୱ କାନ୍ଥର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆଜି ଦକ୍ଷିଣ-ପୂର୍ବ ଓ ଦକ୍ଷିଣ-ପଶ୍ଚିମ ପାର୍ଶ୍ୱ କାନ୍ଥର ୩୭ଟି ସ୍ଥାନର ଲେଜର ସ୍କାନିଂ କରାଯାଇଛି। କେତେ ଜାଗାରେ ଫାଟ ରହିଛି, ଏହା କେଉଁ ଅବସ୍ଥାରେ ରହିଛି, ସବୁର ଟିକିନିଖି ଯାଞ୍ଚ କରାଯାଇଛି। ବୁଧବାର ଦକ୍ଷିଣପାର୍ଶ୍ୱ କାନ୍ଥର ଅନୁଧ୍ୟାନ କରାଯିବ। ଲେଜର ସ୍କାନିଂ କାମ ବର୍ତ୍ତମାନ ପ୍ରୋସେସିଂରେ ରହିଛି ବୋଲି ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଭୁବନେଶ୍ୱର ସର୍କଲ୍ ଅଧୀକ୍ଷକ ଡ. ଡି ବି ଗଡ଼ନାୟକ କହିଛନ୍ତି। ଆଜି ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ଅଧୀକ୍ଷକ ଡ. ଗଡ଼ନାୟକଙ୍କ ନେତୃତ୍ୱରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ବୈଷୟିକ ଦଳ, ବିଶେଷଜ୍ଞ ଦଳଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନର ଯନ୍ତ୍ରୀ ଓ ଅନ୍ୟମାନେ ସ୍ଥିତି ଅନୁଧ୍ୟାନ ପାଇଁ ଶ୍ରୀମନ୍ଦିର ଭିତରକୁ ଯାଇଥିଲେ। ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରୁ ଅପରାହ୍ନ ପ୍ରାୟ ସାଢ଼େ ୪ଟା ପର୍ଯ୍ୟନ୍ତ ସ୍ଥିତି ଅନୁଧ୍ୟାନ କରାଯାଇଥିଲା। ଡ. ଗଡ଼ନାୟକ କହିଛନ୍ତି, ଲେଜର ସ୍କାନିଂ ମେସିନ ଏକ ଉଚ୍ଚ କ୍ଷମତାସମ୍ପନ୍ନ କ୍ୟାମେରା। ଏହା ୩୬୦ ଡିଗ୍ରି ବୁଲି ଫଟୋ ଉତ୍ତୋଳନ କରି ପାରିବାର କ୍ଷମତା ରଖିଛି। ଅତିକ୍ଷୁଦ୍ର ଫାଟ ବି ଏଥିରୁ ଜାଣିହେବ। ଲେଜର ସ୍କାନର ଖୁବ୍ ଧୀରେଧୀରେ ବୁଲି ଫଟୋ ଉତ୍ତୋଳନ କରିଥାଏ। ତେଣୁ ଆଜି କେବଳ ଦକ୍ଷିଣ-ପୂର୍ବ ଓ ଦକ୍ଷିଣ-ପଶ୍ଚିମ ପାର୍ଶ୍ୱ ଅନୁଧ୍ୟାନ ସମ୍ଭବ ହୋଇପାରିଥିଲା। ଅନ୍ଧାର ହୋଇଯିବା ଓ ସମୟ ଅଭାବରୁ ଆଜି ଦକ୍ଷିଣପାର୍ଶ୍ୱ କାନ୍ଥର ଲେଜର ସ୍କାନିଂ ହୋଇପାରିନି। ଆସନ୍ତାକାଲି ବାକି ଥିବା ଅଂଶର ସ୍କାନିଂ କରାଯିବ। ଡ. ଗଡ଼ନାୟକ କହିଛନ୍ତି, ଏବେ କେତେ ଫାଟ ରହିଛି, କହିହେବନି। ସମ୍ପୂର୍ଣ୍ଣ ଅନୁଧ୍ୟାନ ପରେ ଏ ସଂପର୍କରେ ସ୍ପଷ୍ଟ ମତ ରଖିହେବ। ଲେଜର ସ୍କାନିଂ ସମୟରେ ଶ୍ରୀମନ୍ଦିର କୋର କମିଟି ସଦସ୍ୟ ଏନ୍ ସି ପାଲ୍, ଶ୍ରୀମନ୍ଦିର ନିର୍ବାହୀ ଯନ୍ତ୍ରୀ ଆଶିଷ ସୁବୁଦ୍ଧି, ପରିଚାଳନା କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ଯୋଗାଣ ...

ଭିଜିଲାନ୍ସ ପକ୍ଷରୁ ସେହିବର୍ଷ ଜୁଲାଇ ୧୬ରେ ଶ୍ୟାମସୁନ୍ଦରଙ୍କ ବ୍ରହ୍ମପୁର ସ୍ଥିତ ନିଜସ୍ୱ ଘର ଏବଂ ରା.ଉଦୟଗିରି ସ୍ଥିତ ସରକାରୀ କ୍ୱାର୍ଟରରେ ଏକ ସଂଗେ ଚଢ଼ଉ କରାଯାଇଥିଲା। ୧୪,୬୧,୨୦୯. ୬୩ଟଙ୍କାର ସମ୍ପତ୍ତି ହିସାବ ସେ ଦେଇ ପାରିନଥିଲେ। ଫଳରେ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯିବା ସହ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ବିଚାରଣା ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟରେ ହୋଇଥିଲା। ୨୫ଜଣଙ୍କ ସାକ୍ଷ୍ୟ ଗ୍ରହଣ ପରେ ଆଜି ଜଜ୍ ଚୂଡ଼ାନ୍ତ ରାୟ ଶୁଣାଇଥିଲେ।

# ଅରୁଣବେଜଙ୍କ ପରଲୋକରେ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା

ଜଳେଶ୍ୱର , ୨୮/୧୧ (ନି.ପ୍ର): ଆଜି ପୂର୍ବାହ୍ନରେ ସତ୍ୟନାରାୟଣ ମନ୍ଦିର ସମ୍ମିଳନୀ କକ୍ଷରେ ସମାଜସେବୀ ଅରୁଣ ବେଜଙ୍କ ଶ୍ରଦ୍ଧାଞ୍ଜଳି ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମନୋଜ କୁମାର ସାସମଲ ମଂଚ ସଂଚାଳନ କରିଥିବା ବେଳେ ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି ସ୍ୱର୍ଗତ ଅରୁଣ ବେଜଙ୍କ ବ୍ୟକ୍ତିତ୍ୱ ସମାଜସେବା ଅନ୍ୟର ଉପକାର ଏବଂ ନ୍ୟାୟ ପାଇଁ ଲଢିବା ସଂପର୍କରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ମାନସ ଜେନା, ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୁୟା ପ୍ରଧାନ, ପୌର ଅଧ୍ୟକ୍ଷ ପ୍ରତୀପ ପ୍ରଧାନ, ପୂର୍ବତନ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, କାଳିଚରଣ ଦାସ, ବିପିନ ବିହାରୀ ବିଶ୍ୱାଳ, ବସନ୍ତ ଦାସ, କଂଗ୍ରେସ ପ୍ରବକ୍ତା ସୁଦର୍ଶନ ଦାସ, ଅଭିଜିତ୍ ପ୍ରଧାନ, ମଧୁସୁଦନ ଦତ୍ତ, ସମ୍ଭୁ ଜେନା, ଚନ୍ଦନ କର, ସଂଜୟ ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ରାଜୀବ ପରିଡା, ଅନନ୍ତ ଦାସ, ସିଦ୍ଧେଶ୍ୱର ପଣ୍ଡା, ଅବନୀ ଚାନ୍ଦ, ରବିନ୍ଦ୍ର ସେନାପତି, ଶ୍ରୀକୃଷ୍ଣ ଗୁପ୍ତା, ଗଣେ ମାଇତି ପ୍ରମୁଖ ବହୁ ବ୍ୟକ୍ତି ସ୍ରଦ୍ଧାସୁମନ ଜ୍ଞାପନ କରିଥିଲେ ।

# ଉତ୍କଳୀୟ ନୌବାଣିଜ୍ୟର ମୁକସାକ୍ଷୀ ବୋଇତବାଙ୍କଠାରେ ବୋଇତବନ୍ଦାଣ



ବାଲେଶ୍ୱର, ୨୮/୧୧ (ନି.ପ୍ର): ଅତୀତ ଉତ୍କଳର ଗୌରବମୟ ନୌବାଣିଜ୍ୟ ପରମ୍ପରାର ସ୍ମୃତି ଓ ସମୃଦ୍ଧିର ବିପୁଳ ସ୍ମୃତି ବହନ କରୁଥିବା ସେଦିନର ବନ୍ଦରନଗରୀ ବାଲେଶ୍ୱର ଉପକଣ୍ଠ ବୁଢ଼ାବଳଙ୍ଗ ଓ ସୋନୋ ନଦୀର ଅବବାହିକା ବୋଇତବାଙ୍କଠାରେ ବୋଇତବାଙ୍କ ଗ୍ରାମବାସୀଙ୍କ ପକ୍ଷରୁ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାର କମନୀୟ ସନ୍ଧ୍ୟାରେ ସୋଣନଦୀ ବକ୍ଷରେ ବୋଇତ ଭସାଇ ଗ୍ରାମବାସୀମାନେ 'କଳିଙ୍ଗା ସାହସିକା-କଳିଙ୍ଗ ସାଗରେ-ମହୋଦଧି ବକ୍ଷେ ବିପଣୀ ବିଥିକା'ର ସ୍ମୃତିଚାରଣ କରିଥିଲେ। ପ୍ରକାଶଥାଉକି ବୋଇତବାଙ୍କ ବୋଇତବନ୍ଦାଣ ଉତ୍ସବ କମିଟିପକ୍ଷରୁ ଗତ ୨୦୧୬ ମସିହାଠାରୁ ଚାଲି ଆସିଥିବା ବୋଇତବନ୍ଦାଣ ଉତ୍ସବ ଏବର୍ଷ ନିରାଡମ୍ବର ସହକାରେ ପାଳିତ ହୋଇଛି। କାରଣ ଉତ୍ସବ କମିଟିର ପ୍ରତିଷ୍ଠାତା ସଭାପତି ବିଶିଷ୍ଟ ଶିକ୍ଷାବିତ୍ କୃତିବାସ ପାଣିଗ୍ରାହୀଙ୍କର ଆଜି ପ୍ରଥମ ବାର୍ଷିକୀ ଶ୍ରାଦ୍ଧ ପଡୁଥିବାରୁ ତାଙ୍କୁ ଶ୍ରଦ୍ଧା ଓ ସମ୍ମାନ ଅର୍ପଣ ପୂର୍ବକ ଏବର୍ଷ ବିଧିରକ୍ଷା ପାଇଁ ଗ୍ରାମବାସୀମାନେ ଆଜି ସନ୍ଧ୍ୟାରେ ସୋଣନଦୀ ବକ୍ଷରେ ବୋଇତ ଭସାଇ ଅତୀତର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଜୟନ୍ତ ପାଣିଗ୍ରାହୀ, ସମାଜସେବୀ ବିଧାନଚନ୍ଦ୍ର ରାୟ, ଆଇନଜୀବୀ ବିଜୟ ପାଣିଗ୍ରାହୀ, ଅରୁଣ ଜେନା, ଚିରଞ୍ଜିବୀ ପାଣିଗ୍ରାହୀ, ଅଶ୍ୱିନୀ ସ୍ୱାଇଁ, ଦିବ୍ୟେନ୍ଦୁ ମହାନ୍ତି, ନିବେଦିତା ଜେନା, ଲକ୍ଷ୍ମୀପ୍ରିୟା ଜେନା, ବସନ୍ତ ସିଂ, କରୁଣାକର ଜେନା, ତପନ କମିଳା, ସନ୍ଦିପ ସ୍ୱାଇଁ, ସୁବ୍ରତ ଜେନା, ମୁନା ସିଂ ପ୍ରମୁଖ ଉପସ୍ଥିତ ରହି ଉକ୍ତ ବୋଇତବନ୍ଦାଣ ଉତ୍ସବରେ ଅଂଶଗ୍ରହଣ କରିଥିଲେ।

# ଜୁହାର ପରିବାର ତରଫରୁ ନୂଆଖାଇ ଭେଟଘାଟ ୨୦୨୩ ଅନୁଷ୍ଠିତ



ପାରାଦୀପ, ୨୮/୧୧ (ନି.ପ୍ର): ଜୁହାର ପରିବାର ତରଫରୁ ଚତୁର୍ଥ ନୂଆଖାଇ ଭେଟଘାଟ -୨୦୨୩ ଇଫକୋ ଅଡିଟୋରିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଇଫକୋ, ପାରାଦୀପ ର ୟୁନିଟ ମୁଖ୍ୟ ଶ୍ରୀ କେ ଜେ ପଟେଲ, ସମ୍ମାନିତ ଅତିଥି ଭାବେ ବରଗଡ଼ ଧନୁଯାତ୍ରା ରେ କଂସ ଭୂମିକାରେ ଅଭିନୟ କରିଥିବା ହୃଷୀକେଶ ଭୋଇ,ତାଙ୍କର ମନ୍ତ୍ରୀ ସୁଦାମ ବିଶି,ପି ପି ଏଲ ର ୟୁନିଟ ମୁଖ୍ୟ ଶ୍ରୀ ନିଲେସ ଦେଶାଇ,ପାରାଦୀପ ବନ୍ଦର ପ୍ରାଧିକରଣ ର ମୁଖ୍ୟ ଅର୍ଥ ପରାମର୍ଶ ଦାତା ଶ୍ରୀ ଡି ଏନ୍ ସୋନ୍ଧି, ଏ ଏମ୍/ଏନ୍ ଏସ୍ ର ନିର୍ଦ୍ଦେଶକ ଶ୍ରୀ ସୁରେଶ ଜି, କାର୍ଲ୍ସ ବ୍ରିୟେରିଜ୍ ର ମାନବ ସମ୍ବଳ ମୁଖ୍ୟ ଶ୍ରୀ ମୃତ୍ୟୁଞ୍ଜୟ କୁମାର, ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି ପଦ୍ମଶ୍ରୀ ପ୍ରମୋଦ ଭଗତ,ସି ଆଇ ଏସ ଏଫ୍ କମାଣ୍ଡାଣ୍ଟ ଅକ୍ଷତ ପଟେଲ ଯୋଗଦେଇ ଉତ୍ସବର ଶୁଭ ଉଦ୍ଘାଟନ କରିଥିଲେ।ଏଥିରେ ସମ୍ବଲପୁରର ପାରମ୍ପାରିକ ନୃତ୍ୟ, ଗୀତ,ବାଦ୍ୟ,କଳା ଓ ସଂସ୍କୃତିକୁ ପରିବେଷଣ କରାଯାଇଥିଲା। ସମ୍ବଲପୁରୀ ଗୀତର ତାଳେ ତାଳେ ଅତିଥି ଓ ଦର୍ଶକ ସମୁହଁ ଝୁମି ଉଠିଥିଲେ।ଡଃ ଶେଷ କିସାନ୍ ଙ୍କୁ ଜୁହାର ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏହାପରେ ଜୁହାର ପରିବାର ର ମୁଖପାତ୍ର 'ପରବ' ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମକୁ ଜୁହାର ପରିବାର ର ସଭାପତି ଏ କେ ମେହେର,ଉପ ସଭାପତି ଏମ୍ ବି ସୋହଲା, ସମ୍ପାଦକ ଡଃ ହେମନ୍ତ ମେହେର ଏବଂ ଜୁହାର ପରିବାରର ସମସ୍ତ ସଭ୍ୟ ସଭ୍ୟା ପରିଚାଳନା କରି ଉତ୍ସବ କୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଜନ ଅଭିଯୋଗ ଶୁଣାଣିରେ ଇଟାଭାଟି ମାଲିକଙ୍କୁ ଜିଲ୍ଲାପାଳଙ୍କ ଚେତାବନୀ

ନୀଳଗିରି, ୨୮/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ତହସିଲ ଅଧିନସ୍ଥ କୁଲଡିହା ଇକୋ ସେନସିଟିଭ ଜୋନର ଭିତରେ ଗଢ଼ିଉଠିଥିବା ଏକାଧିକ ବେଆଇନ ଇଟା ଭାଟିକୁ କେନ୍ଦ୍ର କରି ବିବାଦ ତୀବ୍ର ରୂପ ନେଇଥିବା ବେଳେ ମଙ୍ଗଳବାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ଜଣେ ଇଟାଭାଟି ମାଲିକଙ୍କ ସ୍ତ୍ରୀ ଏବଂ ପୁଅଙ୍କ ଦ୍ୱାରା ଆବେଦନର ଶୁଣାଣି କରି ଇକୋସେନସ୍ଟିଭ ଅଞ୍ଚଳରେ କୌଣସି ଚିମିନି ଇଟାଭାଟିରେ ଯେପରି ଧୂଆଁ ନ ବାହାରେ ସେଥିପ୍ରତି ସତର୍କ ରହିବାକୁ ଭାଟି ମାଲିକଙ୍କୁ ଚେତାବନୀ ଦେବା ସହିତ ତହସିଲଦାରଙ୍କୁ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା କିଛି ମାସ ପୂର୍ବରୁ ନୀଳଗିରି ତହସିଲ ଅଧିନସ୍ଥ କୁଲଡିହା ଇକୋ ସେନସିଟିଭ ଜୋନର ଭିତରେ ଓ ବାହାରେ ଥିବା ୨୮ ଇଟାଭାଟିଙ୍କୁ ରାଜସ୍ୱ ବିଭାଗ ଜରିମାନା କରିଥିଲେ। ଜରିମାନା ଦେଇନଥିବା ନିର୍ଦ୍ଦିଷ୍ଟ ଭାବେ ମାମା ଇଟାଭାଟିଙ୍କୁ ବେଆଇନ ଦର୍ଶାଇ ଗତ କିଛି ମାସ ପୂର୍ବେ ଭାଙ୍ଗି ଦେଇଥିଲେ। ଏ ନେଇ ସନ୍ତରାଗଡ଼ିଆ ନିକଟ ନୟାପାଟଣା ଗାଁର ମାମା ଇଟାଭାଟିର ମାଲିକ ହରିଶ୍ଚନ୍ଦ୍ର ଜେନା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। କେବଳ ତାଙ୍କ ଇଟା ଭାଟିକୁ ଭାଙ୍ଗି ଅନ୍ୟ ବେଆଇନ ଇଟା ଭାଟିକୁ ଭଙ୍ଗାଯାଉନଥିବା ଯୋଗୁ ସେ ହାଇକୋର୍ଟରେ ପକ୍ଷ ରଖି କ୍ଷତିପୂରଣ ଦାବି କରିଥିଲେ। ଗତ ଚାରିଦିନ ପୂର୍ବରୁ ହରିଶ୍ଚନ୍ଦ୍ରଙ୍କ ସ୍ତ୍ରୀ ଗୀତାଞ୍ଜଳି ଓ ପୁଅ ଚନ୍ଦନ ନୀଳଗିରି ତହସିଲଦାରଙ୍କ ପାଖକୁ ବାଇକରେ ଆସୁଥିବାବେଳେ ମିରିଗିଣି ନିକଟରେ କିଛି ଇଟା ଭାଟି ମାଲିକ ମିଳିତ ଭାବେ ମା ଓ ପୁଅଙ୍କୁ ଅଟକାଇ ବାଇକ ଚାବି ଛଡ଼ାଇ ନେବା ପରେ ଘୋଷାଡ଼ି ଘୋଷାଡ଼ି ନିଷ୍ଠୁକ ମାଡ଼ ମାରିବା ସହ ମୁଣ୍ଡରେ ବନ୍ଧୁକ ଲଗାଇ ସେମାନଙ୍କୁ ହତ୍ୟା ଧମକ ଦିଆଯାଇଥିବାର ଗୀତାଞ୍ଜଳି ନୀଳଗିରି ଥାନାରେ ଇଟା ଭାଟି ମାଲିକଙ୍କ ବିରୋଧରେ ଏକ ଏତଲା ଦାଏର କରିଥିଲେ। ଏହି ଘଟଣାରେ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠନ ହୋଇନଥିବାକୁ ନେଇ ହରିଶ୍ଚନ୍ଦ୍ରଙ୍କ ସ୍ତ୍ରୀ ଗୀତାଞ୍ଜଳି ଓ ପୁଅ ଚନ୍ଦନ ମଗଂଳବାର ଦିନ ନୀଳଗିରି ବ୍ଲକ ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କୁ କାନ୍ଦି କାନ୍ଦି ଗୁହାରି କରିଥିଲେ। ଜିଲ୍ଲାପାଳ କେସ ରୁଜୁ କରି ସଠିକ୍ ନ୍ୟାୟ ପାଇଁ ନିଳଗିରି ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଇକୋ ସେନସିଟିଭ ଜୋନ ଭିତରେ ଯେମିତି ଚିମିନିରୁ ଧୂଆ ନବାହାରେ ସେଥିପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଘର ନିକଟରେ ପହଞ୍ଚିବ ବ୍ୟାଙ୍କିଙ୍ଗ୍ ସେବା



ଖଇରା, ୨୮/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାରା ରାଜ୍ୟରେ ଆମ ବ୍ୟାଙ୍କ ସେବା ଉଦ୍‌ଘାଟନ କରିଥିବା ବେଳେ ଏଥିରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମହତୀପୁର ପଞ୍ଚାୟତ କାର୍ଯ୍ୟାଳୟରେ ଆଭାସୀ ମାଧ୍ୟମରେ ଏହି ବ୍ୟାଙ୍କ ସେବାର ଶୁଭାରମ୍ଭ କରିଛନ୍ତି । ଉଦ୍ଘାଟନୀ ସ୍ଥଳରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,ସରପଞ୍ଚ ଆରତୀ ଲତା ମହାନ୍ତି,ଭାନୁମତୀ ସାହୁ,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର,ଖଇରା ୟୁକୋ ବ୍ୟାଙ୍କ ଶାଖାର ପରିଚାଳକ ଆନନ୍ଦ କୁମାର ପାଣ୍ଡେ,ସରପଞ୍ଚ ପ୍ରତିନିଧି ରାମଚନ୍ଦ୍ର ବିଶ୍ୱାଳ,ସମିତିସଭ୍ୟା ପ୍ରତିନିଧି ରମାକାନ୍ତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।ଉକ୍ତ ବ୍ୟାଙ୍କ ମାଧ୍ୟମରେ ବୃଦ୍ଧ,ଗର୍ଭବତୀ ମହିଳା,ଭିନ୍ନକ୍ଷମ ମାନେ ଘରେ ରହି ସେବା ଉପଲବ୍ଧ କରି ପାରିବେ ବୋଲି ବିଧାୟକ କହିଥିଲେ । ଖଇରା ବ୍ଲକର ୧୨ଟି ପଞ୍ଚାୟତର ବିଭିନ୍ନ ବ୍ୟାଙ୍କ ଶାଖା ତରଫରୁ ୧୫ ଗୋଟି ବ୍ୟାଙ୍କିଂ ସେବା ଉପଲବ୍ଧ ହୋଇ ପାରିବ ବୋଲି ଶାଖା ପରିଚାଳକ ପ୍ରକାଶ କରିଥିଲେ ।

# ଭଦ୍ରକ ମହିଳା ମହାବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ



ଭଦ୍ରକ, ୨୮/୧୧ (ନି.ପ୍ର): ଭଦ୍ରକ ମହିଳା ମହାବିଦ୍ୟାଳୟ ଠାରେ ଓଡ଼ିଶା ସରକାରଙ୍କର ଯୁବ ଓଡ଼ିଶା ନବୀନ ଓଡ଼ିଶା ତଥା ସାମାଜିକ କାର୍ଯ୍ୟକଳାପ କ୍ଲବ ଆନୁକୂଲ୍ୟରେ ଏକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟି ୨୩.୧୧.୨୩ ରିଖରେ ଉଦ୍‌ଘାଟିତ ହୋଇ ତା ୨୮.୧୧.୨୩ରିଖ ପର୍ଯ୍ୟନ୍ତ ଚାଲିଥିଲା । ଏହାର ଉଦ୍‌ଘାଟନ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ସୁଜିତ୍ କର ଅଧକ୍ଷତା କରିଥିଲେ । ଉକ୍ତ କାର୍ଯ୍ୟକ୍ରମଟିକୁ ବିଶିଷ୍ଟ ଶିକ୍ଷାବିତ୍ ଏବଂ ସାମାଜିକ କର୍ମୀ ସେକ୍ ନାସିରବକ୍ସ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ । ବିଷୟ ବିଶାରଦ ଭାବରେ ବାଳିକା ଶିକ୍ଷା ସଂଯୋଜିକା ଇସ୍ମିତା ଯେନା ଏବଂ ଆଇନ୍ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ଯୋଗ ଦେଇ ବାଳିକାମାନଙ୍କର ଶିକ୍ଷା ଓ ଅଧିକାର ପ୍ରସଙ୍ଗ ସମ୍ପର୍କିତ ବକ୍ତବ୍ୟ ରଖିଥିଲେ । ସାମାଜିକ କାର୍ଯ୍ୟକଳାପ କ୍ଲବ୍‌ର ସଂଯୋଜକ ଡ଼. ଶୁଭଶ୍ରୀ ବେହେରା କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ । ଏହି କ୍ଲବର ଅନ୍ୟାନ୍ୟ ସଦସ୍ୟ ଅନିତାରାଣୀ ପୂର୍ତ୍ତି, ସୌଦାମିନୀ ରାଉତ ଏବଂ ଇସ୍ମିତା ବିଶ୍ୱାଳ କାର୍ଯ୍ୟକ୍ରମଟିକୁ ସଂଚାଳନ କରିବାରେ ଯୋଗଦାନ କରିଥିଲେ ।

ସେହିପରି ଦ୍ୱିତୀୟ ଦିବସ ତା ୨୪.୧୧.୨୩ରିଖ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କୃତ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଉଦ୍‌ଘାଟନ କରି ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମର ସଂଯୋଜିକା ଡ଼. ଶୁଭଶ୍ରୀ ବେହେରାଙ୍କ ସଂଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ଼. ଭାଗ୍ୟଶ୍ରୀ ପଣ୍ଡା ବିଷୟ ବିଶାରଦ ଭାବେ ଯୋଗଦାନ କରି ବାଳିକାମାନଙ୍କର ଶାରୀରିକ ସୁସ୍ଥତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସେହିପରି ଡ଼ା. ଦେବରାଜ ପାଣିଗ୍ରାହୀ, ଶିଶୁ ମଙ୍ଗଳ କମିଟି, ଅଧକ୍ଷ ବାଳିକାମାନଙ୍କର ମାନସିକ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ସମ୍ବଳିତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଧାମରା ମହାବିଦ୍ୟାଳୟର କ୍ରୀଡ଼ା ପ୍ରଶିକ୍ଷକ ଲକ୍ଷ୍ମୀଧର ବେହେରା ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ସମ୍ବଳିତ କୌଶଳ ପ୍ରଦର୍ଶନ କରିଥିଲେ ।

ସେହିପରି ତୃତୀୟ ଦିବସରେ ତା ୨୮.୧୧.୨୩ର ସାମାଜିକ କାର୍ଯ୍ୟକଳାପ କ୍ଲବରେ ଅବସରପ୍ରାପ୍ତ ପ୍ରାଧାପକ ସୁଚିତ୍ରା ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ସଭାକାର୍ଯ୍ୟକୁ ଉଦ୍‌ଘାଟନ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ସୁପ୍ରିତି କର ସଭାର ଅଧକ୍ଷତା କରିଥିଲେ । ରାଜନୀତି ବିଜ୍ଞାନର ମୁଖ୍ୟ ଅନିତା ଦଳାଇ ଏବଂ ଇତିହାସ ବିଭାଗର ମୁଖ୍ୟ ମନୋଜ କୁମାର ସାହୁ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ସେମାନଙ୍କର ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ । ସାମାଜିକ କାର୍ଯ୍ୟକଳାପ କ୍ଲବର ସଦସ୍ୟା ସୌଦାମିନି ରାଉତ, ଦେବବ୍ରତ ଦାସ ପ୍ରଗତି ଯୁବକ ସଂଘର ନିର୍ଦ୍ଦେଶକ ବନମାଳୀ ଯେନା, କିଶୋର ନ୍ୟାୟ ପରିଷଦର ସଦସ୍ୟ ସ୍ୱଚ୍ଛତା ଅଭିଯାନ ଏବଂ ପ୍ଲାଷ୍ଟିକ୍‌ମୁକ୍ତ ଅଭିଯାନ ଉପରେ ଆଲୋଚନା କରିଥିଲେ । ଶେଷରେ ସାମାଜିକ କାର୍ଯ୍ୟକଳାପ କ୍ଲବର ସଦସ୍ୟା ଇସ୍ମିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଭଦ୍ରକ ମହିଳା ମହାବିଦ୍ୟାଳୟରେ ତିନିଦିନ ଧରି ଚାଲିଥିବା ଓଡ଼ିଶା ସରକାରଙ୍କର ଏହି ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ପାଖାପାଖି ୪୦୦ ଛାତ୍ରୀ ଏବଂ ଅଧାପକ, ଅଧାପିକାମାନେ ଯୋଗଦାନ କରି କାର୍ଯ୍ୟକ୍ରମଟିକୁ ସଫଳ କରାଇଥିଲେ ।

# ସୁବର୍ଣ୍ଣରେଖା ବୋଇତବନ୍ଦାଣ ଉତ୍ସବର ପ୍ରଥମ ସଂଧ୍ୟା

ଜଳେଶ୍ୱର , ୨୮/୧୧ (ନି.ପ୍ର): ପରମ୍ପରା ଅତୀତକୁ ମନେ ପକାଇବା ସହିତ ଭବିଷ୍ୟତ ବଂଶଧରଙ୍କୁ ବାଟ କଡାଇନିଏ ବୋଲି ସୁବର୍ଣ୍ଣରେଖା କୂଳ ରାଜପୁରଠାରେ ଜଳେଶ୍ୱର ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ଆୟୋଜିତ ବୋଇତବନ୍ଦାଣ ଉତ୍ସବର ପ୍ରଥମ ସଂଧ୍ୟାରେ ଭାଷା ସାହିତ୍ୟ ସଂସ୍କୃତ ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି । ଗତ ସୋମବାର ସଂଧ୍ୟାରେ ଆୟୋଜିତ ସଭାରେ ସିଦ୍ଧାର୍ଥ ଶଂକର ପାଳ ପୌରିତ୍ୟକରି ସୁବର୍ଣ୍ଣରେଖା ନଦୀ ଓ ରାଜପୁର ଗାଁର ଇତିହାସ ସଂପର୍କରେ କହିଥିଲେ । ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗ ଦେଇ ଅତୀତରେ ୭ ସାଧବପୁଅଙ୍କୁ ସାଧବାଣୀମାନେ କାର୍ତ୍ତୀକ ପୂର୍ଣ୍ଣମାରେ ମେଲାଣି ଦେଇ ଫେରିବା ସମୟରେ ବନ୍ଦପନା କରି ସ୍ୱାଗତ ଜଣାଇଥାନ୍ତି । ଏହାକୁ ମନେ ପକାଇ କାର୍ତ୍ତିକ ପୂର୍ଣ୍ଣିମାରେ ଗାଁର ଗଡିଆ, ପୋଖରୀ, ନଦୀ କିମ୍ବା ସମୁଦ୍ରରେ କାଗଜ, ସୋଲ ଓ କଦଳୀ ଡଙ୍ଗା ଭାସାଯାଇ ଆସୁଛି । ସେଯୁଗର ଯୁବପିଢି ଚାକିରୀ ପଛରେ ନ ଗୋଡାଇ ଜାଭା, ବାର୍ଲି, ସୁମାତ୍ରା ଯାଇ ନିଜେ ଓ ରାଜ୍ୟର ଅର୍ଥିକ ଉନ୍ନତି କରୁଥିଲେ । ମୁଖ୍ୟବକ୍ତାଭାବେ ପୌରପାଳ ପ୍ରତୀପ ପ୍ରଧାନ ଯୋଗ ଦେଇ ସମଗ୍ର ରାଜ୍ୟର ୬୪ ପ୍ରତିଶତ ଯୁବଶକ୍ତି ବିକାଶ ନିମନ୍ତେ ସହାୟତା କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମୀର ପାତ୍ର, ଦିଲ୍ଲିପ ଗିରି, ରାଜୀବ ପରିଡା, ସୁବଳ ପରିଡା, ଚିନ୍ମୟାନନ୍ଦ ପାଳ, ଜୟଦେବ ବିଶ୍ୱାଳ, ଲେଲିନ ପ୍ରଧାନ ଓ ଦେବାଶିଷ ଗୋଚ୍ଛାୟତ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବନ୍ଦାଣ ଉତ୍ସବର ସଭାପତି ସୁନିଲ ମହାନ୍ତି ସୂଚନା, ସଂପାଦକ କରୁଣାକର ଭୂୟା ମଂଚଳ ଆହ୍ୱାନ, ଉପସଭାପତି ଅବିନାଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଖଗେନ୍ଦ୍ର ମହୁରୀ, ତପନ ବିଶ୍ୱାଳ, କମଳାକାନ୍ତ ଦେ, ସୀତାରାମ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ଛିଡା ହୋଇଥିବା ପିକଅପକୁ ଧକ୍କା ଦେଲା ବାଇକ ଚାଳକ

ବସ୍ତା, ୨୮/୧୧ (ନି.ପ୍ର): ଥାନା ୬୦ ନମ୍ବର ଜାତୀୟ ରାଜପଥର ଗାନ୍ଧିଛକ ନିକଟରେ ମଙ୍ଗଳବାର ଅପରାହ୍ନ ସମୟରେ ଛିଡା ହୋଇଥିବା ପିକଅପକୁ ଧକ୍କା ଦେଲା ବାଇକ, ଚାଳକ ଗୁରୁତର ହୋଇଥିବା ଦେଖିବାକୁ ମିଳିଛି କ୍ଷ ସୂଚନା ରୁ ପ୍ରକାଶ ଉକ୍ତ ବାଇକ ଚାଳକ ବାଲେଶ୍ୱର ରୁ ବାହାରି ଜଳେଶ୍ୱର ଅଭିମୁଖେ ଯାଉଥିବା ବେଳେ ଗାନ୍ଧିଛକ ନିକଟରେ ଛିଡା ହୋଇଥିବା ପିକଅପ କୁ ପଛପଟୁ ଧକ୍କା ଦେଇ ଚାଳକ ପାର୍ଶ୍ୱ କୁ ଛିଟିକି ପଡ଼ିଥିଲେ କ୍ଷ ଫଳରେ ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିବା ବେଳେ ଗୁରୁତର ବାଇକ ଚାଳକଙ୍କ ପରିଚୟ ମିଳିନଥିବା ବେଳେ ଖବର ଜାତୀୟ ରାଜପଥ ପେଟ୍ରୋଲିଙ୍ଗ ପୋଲିସ ଘଟଣା ସ୍ଥଳରେ ପହଂଚି ଅଧିକ ତଦନ୍ତ ଜାରିରଖିଛି ।

# କଳିଙ୍ଗ ବାଲିଯାତ୍ରାର ତୃତୀୟ ସନ୍ଧ୍ୟା: ଦୁଲୁକିଲା ମଞ୍ଚ, ଝୁମିଲେ ଦର୍ଶକ



ପାରାଦୀପ, ୨୮/୧୧ : ଆଜି ଥିଲା କଳିଙ୍ଗ ବାଲିଯାତ୍ରାର ତୃତୀୟ ସନ୍ଧ୍ୟା। ଏନେଇ ପାରାଦୀପ ସମୁଦ୍ର ବେଳାଭୂମିର ବିଜୁ ମଇଦାନ ବେଶ ଜନ ଗହଳି ଥିଲା। ଅପରାହ୍ନ ରୁ ବିଭିନ୍ନ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା ।ସେଥି ମଧ୍ୟରେ କୁଜଙ୍ଗ ବାଲିପାରି ର ଅଭୟ ଆର୍ଟ ଏକାଡେମୀ ପକ୍ଷରୁ ନୃତ୍ୟ ବିଚିତ୍ରା, ପାରାଦୀପ ଶ୍ରାବଣୀ କଳା ନିକେତନ ପକ୍ଷରୁ ଆଧୁନିକ ନୃତ୍ୟ, ଇଫକୋ ପାରାଦୀପ ୟୁନିଟ ପକ୍ଷରୁ ଓଡିଶୀ ନୃତ୍ୟ, ତ୍ରିରଙ୍ଗା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଡ୍ୟାନ୍ସ ଧମାକା, ପୁରୀ ର ଗୋଟି ପୁଅ, ମହାରାଷ୍ଟ୍ର ର କୋଲି ଡ୍ୟାନ୍ସ, ଢେଙ୍କାନାଳ ସମର ତରଙ୍ଗ ପକ୍ଷରୁ ଐତିହାସିକ ନୃତ୍ୟ ନାଟିକା, ଡଃ ରୋହନ ବିଶ୍ୱାଳ ଏବଂ ଗୃପ ପକ୍ଷରୁ ଇଣ୍ଡିଆନ ଆଇଡଲ ସିଙ୍ଗର ମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଏକ ସାଂସ୍କୃତିକ ସଭାର ଆୟୋଜନ କରାଯାଇଥିଲା ।ଜଗତସିଂହପୁର ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପାରାଦୀପ ଇଫକୋ ୟୁନିଟ ର ମୁଖ୍ୟ ନିର୍ଦ୍ଦେଶକ କେଜେ ପଟେଲ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କୋଷ୍ଟ ଗାର୍ଡ ର କମାଡାଣ୍ଟ ସଚିନ ବର୍ମା ଓ ଡ଼ିଏସପି ସନ୍ତୋଷ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ବୈଦିକ ସେବାସଦନରେ ଯଜ୍ଞ ଓ ଆଧ୍ୟାତ୍ମିକ ପ୍ରବଚନ

ବସ୍ତା, ୨୮/୧୧ (ନି.ପ୍ର): ହାଇସ୍କୁଲ ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅନନ୍ତ କୁମାର ସାହୁ ଓ ମିରିଗିମୁଣ୍ଡି ସରକାରୀ ପ୍ରାଥମିକ ବିଦ୍ୟାଳୟ ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମିନାକ୍ଷୀ ସାହୁ ଙ୍କ ରୂପ୍ସା ରେଲୱେ କଲୋନୀ ସ୍ଥିତ ବୈଦିକ ସେବା ସଦନ ନାମକ ବାସଭବନରେ ବିଶ୍ୱ କଲ୍ୟାଣ ଦେବ ଯଜ୍ଞ ଓ ଆଧ୍ୟାତ୍ମିକ ପ୍ରବଚନ ଅନୁଷ୍ଠିତ ହୋଇଯାଇଅଛି । ବୈଦିକ ଗୁରୁକୁଳ ଆଶ୍ରମ ପିଞ୍ଚାବଣିଆ ର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ଙ୍କ ମୁଖ୍ୟ ପୌରହିତ୍ୟରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା । ଏହି ଅବସରରେ ଓଡ଼ିଶାର ସୁନାମ ଧନ୍ୟ ବୈଦିକ ବିଦ୍ୱାନ ତଥା ସର୍ବେ ଭବନ୍ତୁ ସୁଖିନଃ ର ପ୍ରବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଙ୍କ ଦ୍ୱାରା ଏକ ଆଧ୍ୟାତ୍ମିକ ପ୍ରବଚନ ସଭା ହୋଇଥିଲା । ପରିବେଶ ର ଶୁଦ୍ଧି ଓ ପ୍ରାଣୀମାନଙ୍କ ର କଲ୍ୟାଣ ଉଦ୍ଦେଶ୍ୟ ରେ ଶ୍ରୀଯୁକ୍ତ ଅନନ୍ତ କୁମାର ସାହୁ ଓ ଶ୍ରୀମତୀ ମିନାକ୍ଷୀ ସାହୁ, ସ୍ୱରୂପ କୁମାର ସାହୁ ଓ ଶ୍ରୀମତୀ ସୋନାଲି ସାହୁ ଯଜମାନ ଆସନ ଅଳଙ୍କୃତ କରି ଯଜ୍ଞ ରେ ଆହୁତି ଅର୍ପଣ କରିଥିଲେ । ସେହି ପରି ପରିବାର ବନ୍ଧୁବାନ୍ଧବ ଙ୍କ ସହ ବିଭିନ୍ନ ସ୍ଥାନରୁ ଆସିଥିବା ଶ୍ରଦ୍ଧାଳୁ ଯଜ୍ଞ ପ୍ରେମୀ ସଜ୍ଜନ ଗଣ ଯଜ୍ଞ ରେ ଆହୁତି ଅର୍ପଣ କରିଥିଲେ । ଯଜ୍ଞ କାର୍ଯ୍ୟ ରେ ପଣ୍ଡିତ ସୁରେନ୍ଦ୍ର ସିଂହ ଓ ବିଷ୍ଣୁ ଚରଣ ବାନପ୍ରସ୍ଥୀ ଆଚାର୍ଯ୍ୟ ବିଜୟ ଜୀ ଙ୍କୁ ସହଯୋଗ କରିଥିଲେ । ଏହି ଜୀବନ ନିର୍ମାଣ କଲ୍ୟାଣ କାର୍ଯ୍ୟରେ ଅନେକ ଜ୍ଞାନୀ ଗୁଣୀ ସଜ୍ଜନ ଅତିଥି ଙ୍କ ସହ ଅନ୍ୟତମ ଅତିଥି ଭାବେ ପଣ୍ଡିତ ନିରଞ୍ଜନ ପଣ୍ଡା ଶର୍ମା , ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଜୟନ୍ତ କୁମାର ପାଣିଗ୍ରାହୀ , ସମାଜସେବୀ ଶ୍ରୀଯୁକ୍ତ ଭଗବାନ ମହାପାତ୍ର, ସମାଜସେବୀ ଶ୍ରୀଯୁକ୍ତ ଚକ୍ରଧର ସେଠୀ , ସମାଜସେବୀ ଶ୍ରୀଯୁକ୍ତ ଅକ୍ଷୟ କୁମାର ମିଶ୍ର ତଥା ପ୍ରକୃତି ବନ୍ଧୁ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ସୁମନ୍ତ କୁମାର ଜେନା ଆଦି ପ୍ରମୁଖ ଅତିଥିଗଣ ଯୋଗଦାନ କରିଥିଲେ । ଏହି ଶୁଭ ଅବସରରେ ମୟୂରଭଞ୍ଜ ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆମ୍ବଗଡ଼ିଆ ବିକାଶ ପରିଷଦ ତରଫରୁ ବିଶିଷ୍ଟ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଙ୍କୁ ଏକ ବୃକ୍ଷ ସହିତ,ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା କରାଯାଇଥିଲା । ପରିଶେଷରେ ବୈଦିକ ସେବାସଦନ ର ମୁଖ୍ୟ ଶ୍ରୀଯୁକ୍ତ ଅନନ୍ତ କୁମାର ସାହୁ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo